## ମଦ ଜବତ; ଯୁବକ ଗିରଫ

**ରାଜନଗର,୧୩ା୧(ସମିସ):** ଚୋରା ମଦ ବ୍ୟବସାୟ କରିବା ସହ ବିଭିନ୍ନ ଅପରାଧରେ ଜଡିତ ରହି ଆତଙ୍କ ସୃଷ୍ଟି କରୁଥିବା ଯୁବକକୁ ପୁଲିସ ଗିରଫ କରିଛି। ରାଜନଗର ବ୍ଲକ କାଠପଙ୍ଗରା ଗାଁର ଯୁବକ ବଶିଷ୍ଟ ଜେନାକୁ ପୁଲିସ ଗିରଫ କରିବା ସହ ତା ନିକଟରୁ ୩୦ଲିଟର ୫୪୦ ଗ୍ରାମ ମଦ ଜବତ କରିଛି। ଏ ନେଇ ରାଜନଗର ଥାନାର କେସ୍ ନଂ ୧୭/୨୦୨୪ରେ ମାମଲା ରୁଜୁ ହୋଇଛି। ଏହି ଯୁବକଙ୍କ ନାଁରେ ରାଜନଗର ଥାନାରେ ୨୦୧୮ରୁ ୨୦୨୨ ମଧ୍ୟରେ ୫ଟି ମାମଲା ରହିଛି ବୋଲି ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

## ଦୁମୁକା ସୋସାଇଟ୍‌ରେ ମିଲର ଚାଷୀ ପ୍ରତିନିଧି ବୈଠକ

**ମାର୍ଶାଘାଇ,୧୩ା୧(ସମିସ):** ମାର୍ଶାଘାଇ ବ୍ଲକ ଦୁମୁକା ପ୍ରାଥମିକ କୃଷି ସମବାୟ ସମିତିରେ ଧାନ କ୍ରୟ ନେଇ ଚାଷୀ ପ୍ରତିନିଧି ଓ ମିଲରଙ୍କ ମଧ୍ୟରେ ବୈଠକ ଶୁକ୍ରବାର ସଭାପତି ସତ୍ୟ ନାରାୟଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉପ ସଭାନେତ୍ରୀ ମିନତୀ ବେଉରା, ସୁରଥ ବେଉରା, ସସ୍ମିତା ଦାସ, କୈଳାସ ଚନ୍ଦ୍ର ବେଉରା, ଖଗେଶ୍ୱର ରାଉତ, ଗୋପୀନାଥ ବେହେରା ସୁଶାନ୍ତ ଜେନା, ପ୍ରତାପ ସାମଲ, ଉମାକାନ୍ତ ନାୟକ, ରଜନୀକାନ୍ତ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାତୃଶକ୍ତି ଧାନ ମିଲର ପ୍ରତିନିଧି, କ୍ରୟ କମିଟି ସଦସ୍ୟ ରତ୍ନାକର ଲେଙ୍କା, ଅଭୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ମନୋଜ କୁମାର ସ୍ୱାଇଁ, ସହ ସମ୍ପାଦକ ତାପସ କୁମାର ବେଉରା, ଡିଇଓ କିରଣବାଳା ପ୍ରଧାନ, କର୍ମଚାରୀ ରଶ୍ମିରଂଜନ ବେହେରା, ବିଭୁତି ଭୂଷଣ ବେଉରା ଉପସ୍ଥିତ ଥିଲେ।

## ସଂସ୍କୃତି ପୁରୁଷ ଦିବାକର ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି



**ପଟ୍ଟାମୁଣ୍ଡାଇ,୧୩ା୧(ସମିସ):** ପଟ୍ଟାମୁଣ୍ଡାଇ ବିକାଶ ପରିଷଦ, କସ୍ତୁରି କଳାନିକେତନ, ଚେତନା ସାହିତ୍ୟ ସଂସଦ ଆଦି ଅନେକ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା,କେନ୍ଦ୍ରାପଡ଼ା କର୍ମଜୀବୀ ସାମ୍ବାଦିକ ସଂଘର ପ୍ରାକ୍ତନ ସଭାପତି, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ବିଶିଷ୍ଟ ସ୍ତମ୍ଭକାର, ସଂସ୍କୃତି ପୁରୁଷ ଦିବାକର ବିଶ୍ୱାଳଙ୍କ ପୂଣ୍ୟତିଥିରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ବର୍ଷିଆନ ସମାଜସେବୀ ବସନ୍ତ କୁମାର ମଲ୍ଲିକ, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ,ପରିବେଶବିତ ବିଜୟ କବି, ସମାଜସେବୀ ପ୍ରଫୁଲ କୁମାର ସାହୁ, ଶିକ୍ଷାବିତ ସୁରେଶଚନ୍ଦ୍ର ଜେନା, ଶ୍ରୀଧର ରାଉତ ଲଳିତ କୁମାର ରାଉତ, ପ୍ରମୋଦ ସାହୁ, ମରୁତ କୁମାର ବାରିକ, ଶରତ କୁମାର ବିଶ୍ୱାଳ ପ୍ରମୁଖ ଦିବଙ୍ଗତ ଦିବାକର ବିଶ୍ୱାଳଙ୍କ କର୍ମମୟ ଜୀବନ ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର କଳା ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମଞ୍ଜୁଲତା ବିଶ୍ୱାଳ, ମମତା ବିଶ୍ୱାଳ, ଅମିତା ବିଶ୍ୱାଳ ପରିଚାଳନା କରିଥିଲେ।

### ମଧ୍ୟାହ୍ନଭୋଜନ ବେଳେ ଅଘଟଣ

# ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ; ବର୍ତ୍ତିଗଲେ ରୋଷେୟା ଓ ଛାତ୍ରଛାତ୍ରୀ

**କେନ୍ଦ୍ରାପଡ଼ା,୧୩ା୧(ସମିସ)**

ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ବେଳେ ଘଟିଛି ଅଘଟଣ। ଗ୍ୟାସ୍ ଲିକ୍ ହେବାରୁ ଅଗ୍ନିକାଣ୍ଡ ଘଟିଛି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଚିତ୍ ପଦକ୍ଷେପ ଯୋଗୁ ଅଳ୍ପକେ ରୋଷେୟା ଓ ଛାତ୍ରଛାତ୍ରୀ ବର୍ତ୍ତିଯାଇଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡା ପୌରପାଳିକା ୮ନଂ. ୱାର୍ଡ ଅଧିନ ମନକରପୁର ପ୍ରାଥମିକ ବିଦ୍ୟାଳୟରେ।

ଶନିବାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ସମୟରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗିଥିଲା। ଶନିବାର ହୋଇଥିବାରୁ ସକାଳୁଆ ବିଦ୍ୟାଳୟ ଥିବାବେଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ପାଚିକା ବ୍ୟସ୍ତ ରହିଥିଲେ। ବିଦ୍ୟାଳୟରେ ଆଜି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୫୫ ରହିଥିବା ବେଳେ ମଧ୍ୟାହ୍ନ ଭୋଜନରେ ଭାତ ରୋଷେଇ ପାଇଁ ଚୁଲି ଲାଗିଥିବା ବେଳେ ଅଣ୍ଡା ସିଝାଇବା ପାଇଁ ପାଚିକା ଗ୍ୟାସ ବ୍ୟବହାର କରୁଥିଲେ। ତେବେ ହଠାତ କୌଣସି କାରଣରୁ ସିଲିଣ୍ଡରରେ ନିଆଁ ଲାଗିଯିବାରୁ ପାଚିକା ଜଣଙ୍କ ଦୌଡି ଆସି ଅନ୍ୟମାନଙ୍କୁ ଡାକ ପକାଇଥିଲେ। ଏହି ସମୟରେ ରୋଷେଇଘର ସାରା ନିଆଁ ବ୍ୟାପି ହୁ ହୁ ହୋଇ ଜଳିଥିଲା। ବାଲି ଓ ଦରି ପକାଯାଇଥିଲେ ସୁଦ୍ଧା ନିଆଁ



ନିୟନ୍ତ୍ରଣ ହୋଇନଥିଲା। ତେବେ ବିଦ୍ୟାଳୟ ପରିସରରେ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଥମେ ବାହାରକୁ ନେଇଆସିଥିଲେ। ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରଥମେ ନିଆଁ ଲିଭାଇ ସିଲିଣ୍ଡର ଆଣିବାକୁ ଯିବା ସମୟରେ ଉକ୍ତ ସିଲିଣ୍ଡର ପୁନଃ ଜଳିବାରୁ ଉପସ୍ଥିତ ଲୋକେ ଆତଙ୍କିତ ହୋଇ ଧାଁ ଦଉଡ଼ କରିଥିଲେ। ତେବେ ବହୁ ସମୟ ପରେ ନିଆଁକୁ ଆୟତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ସିଲିଣ୍ଡରରେ ନକଲି ରେଗୁଲେଟର ଲାଗିଥିବାରୁ ଏପରି ଅଘଟଣ ଘଟିଥିବା ସ୍ପଷ୍ଟ ହୋଇଛି। ଅନ୍ୟପଟେ ଏଠାରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରରେ ଅନ୍ଧୁଳି ବସିଥିବା ଓ ଏହା ଦୀର୍ଘଦିନ ଧରି ବ୍ୟବହାର କିମ୍ବା ଯାଞ୍ଚ ହୋଇନଥିବା ଦେଖିବାକୁ ମିଳିଛି।

## ସ୍ୱରତୀର୍ଥର ବାର୍ଷିକ ଉତ୍ସବ ଓ ଭଞ୍ଜ ସଂଗୀତ ସମାରୋହ



**ପଟ୍ଟାମୁଣ୍ଡାଇ,୧୩ା୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ସଂଗୀତାନୁଷ୍ଠାନ ସ୍ୱରତୀର୍ଥ ର ୯ମ ବାର୍ଷିକୋତ୍ସବ ସଭାପତି ବିଶିଷ୍ଟ କବି ଡାଃ ମନୋରଞ୍ଜନ ଦାଶଙ୍କ ପୌରହିତ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟରେ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ହୃଷୀକେଶ ରଥ ଉଦଘାଟନ କରିଥିଲେ ଓ ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ,ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମୋହନ ଚରଣ ଜେନା, ସମ୍ମାନିତ ବକ୍ତାଭାବେ ଅଧ୍ୟାପକ ଡଃ ନୀଳମଣି ଲେଙ୍କା,ଅତିରିକ୍ତ ପୁଲିସ କମିଶନର ଅମିତାଭ ମହାପାତ୍ର ଓ ଶ୍ରୀକୃଷ୍ଣ ସେଠୀ ଯୋଗ ଦେଇ ମାନବ ଜୀବନରେ ସଂଗୀତର ଗୁରତ୍ୱପୂର୍ଣ୍ଣ ଭୂମିକା ଓ ଭଞ୍ଜ ସଂଗୀତ, ଓଡିଆ ସଂଗୀତ ଓ ସାହିତ୍ୟ ଜଗତରେ ଏକ ଅମ୍ଳାନ ସୃଷ୍ଟି ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବାହ୍ନରେ ସ୍ୱରତୀର୍ଥର ଅଧ୍ୟକ୍ଷ ଗୁରୁ ରବୀନ୍ଦ୍ର ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଓ ଶାସ୍ତ୍ରୀୟ ତବଲା ବାଦନ କରାଯାଇଥିଲା ଓ ଅପରାହ୍ନରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ସଂଗୀତ ସ୍ୱରଶ୍ରୀ ଗୁରୁ ବଟକୃଷ୍ଣ ଦାସ, ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ଉମେଶ ଚନ୍ଦ୍ର ଦାସ, ସୁଶ୍ରୀ ସାଗରିକାପଣ୍ଡା, ପ୍ରୀତିନନ୍ଦା ପରିଡ଼ା, ଲୋପିତା ସାହୁ ସୌମ୍ୟବିଶ୍ୱଜିତ୍ ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ, ଜ୍ଞାନରଞ୍ଜନ ପରିଡ଼ା,ମାନସ ରଞ୍ଜନ ମହାରଣା ଓ ସୁରଥ ବିଶ୍ୱାସ ସୁଲଳିତ କଣ୍ଠରେ ସଂଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଉକ୍ତ ଉତ୍ସବରେ ଶିକ୍ଷାବିତ୍ ସୁକାନ୍ତ ତ୍ରିପାଠୀ,ସରପଞ୍ଚ ସନ୍ତୋଷ ସେଠୀ,ନାରାୟଣ ଚନ୍ଦ୍ର ସାହୁ,କବି ରାମକୃଷ୍ଣ ଦାଶ,ଚିତ୍ରଗୁରୁ ରମେଶ ଦେ,କୁଳମଣି ରାଉତ, କବୟିତ୍ରୀ ଚାରୁଲତା ଭୂୟାଁ, ବୁଦ୍ଧିଜୀବୀ ଶମ୍ଭୁନାଥ ପଣ୍ଡା, ଶିକ୍ଷାବିତ୍ ହେମନ୍ତ କୁମାର ଲେଙ୍କା, ସଲିଳ କୁମାର ପ୍ରଧାନ, ହରଗୋବିନ୍ଦ ଦାଶ,କୃଷିବିତ ସନ୍ତୋଷ ବାରିକ ଓ ବିଭୂତି ଭୂଷଣ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସ୍ୱରତୀର୍ଥ ସହସଂପାଦକ ଗୌରହରି ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ କିଶୋରୀ ମେଳା

**ରାଜନଗର,୧୩ା୧(ସମିସ):** ରାଜନଗର ସ୍ଥିତ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା ଆନୁକୂଲ୍ୟରେ କିଶୋରୀ ମେଳା-୨୦୨୩-୨୪ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକର ରାଜନଗର, ବାଲିକଣା, ସାନବଡଗୋପାଳପୁର ପ୍ରଭୃତି ୩ଟି ସେକ୍ଟରର ୧୦ଟି ଗ୍ରାମ ପଞ୍ଚାୟତର ୫୭ଜଣ କିଶୋରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କିଶୋରୀ ମାନଙ୍କ ମଧ୍ୟରେ ସଂଗୀତ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରେ ରାଜନଗର ସେକ୍ଟରର ଜସ୍ମିନ ପ୍ରଧାନ, ସୌମ୍ୟା ନାୟକ, ଅର୍ପିତା ପରିଡା, ବାଲିକଣା ସେକ୍ଟରର ସ୍ଥିତପ୍ରଜ୍ଞା ମିଶ୍ର, ଅର୍ପିତା ଧଳ, ସ୍ୱର୍ଣ୍ଣପ୍ରଭା ସାହୁ, ସାନବଡଗୋପାଳପୁର ସେକ୍ଟରର ସରୋଜିନୀ ବଳ, ଗଙ୍ଗାରାଉତ ପ୍ରମୁଖଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଉଦ୍‌ଘାଟନ କରିଥିଲେ। ସିଡିପିଓ ସନ୍ତୋଷିନୀ ଭୋଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଜନଗର ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର ଯୋଗ ଦେଇଥିବା ବେଳେ କିଶୋରୀ ମେଳାର ବ୍ଲକ ସଂଯୋଜକ ଶଶଧର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଦର୍ଶିକା ସ୍ୱାଗତିକା ତରାଇ, ମିନତୀ ମିଶ୍ର, ବିଜୟାଲକ୍ଷ୍ମୀ ସ୍ୱାଇଁ, ପ୍ରତିଭା ମହାନ୍ତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଅଙ୍ଗନୱାଡି କର୍ମୀ ପୁଷ୍ପଲତା ରଥ, ସ୍ୱର୍ଣ୍ଣଲତା ପାତ୍ର, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନାରେ କିଶୋରୀ ମାନଙ୍କୁ ସୁପୋଷଣ ଓ ରକ୍ତହୀନତା ସଂପର୍କରେ ସୂଚନା ପ୍ରଦାନ କରାଯିବା ସହ କିଶୋରୀ ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀ ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।



### ରାଜ୍ୟସ୍ତରୀୟ ବନୋଜ ସାହୁ ମେମୋରିଆଲ ଟ୍ରଫି

## ବାଲାବାବାକୁ ହରାଇ ଜାଗୁଲାଇ ଚାମ୍ପିଅନ୍



**ରାଜନଗର,୧୩ା୧(ସମିସ):** ମଦନପୁର ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ବନୋଜ ସାହୁ ମେମୋରିଆଲ ଟ୍ରଫିର ଗ୍ରାଣ୍ଡ ଫାଇନାଲରେ ଚିତାକର୍ଷକ ମ୍ୟାଚ ଦେଖିବାକୁ ମିଳିଥିଲା। ଏହି ହାଇସ୍କୋରିଂ ମ୍ୟାଚରେ ଯାଜପୁରର ଜାଗୁଲାଇ କ୍ରିକେଟ କ୍ଲବ କେନ୍ଦ୍ରାପଡାର ବାଲାବାବା କ୍ରିକେଟ କ୍ଲବକୁ ୨୨ ରନରେ ହରାଇ ଚମ୍ପିଆନ ହୋଇଛି। ପ୍ରଥମେ ଟସ୍ ଜିତି ବାଲାବାବା ଫିଲ୍ଡିଂର ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଯାଜପୁର ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ବିଶାଳ ୩୦୨ ରନ ସଂଗ୍ରହ କରିଥିଲା। ଦଳର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଆଝାର ଅଲ୍ଲୀ ୩୫ ବଲରେ ୯୧ ରନ୍ ଓ ସତ୍ୟାନନ୍ଦ ୩୫ ବଲରୁ ୬୪ ରନ ସଂଗ୍ରହ କରିଥିଲେ। ଜବାବରେ ବାଲାବାବା ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୨୭୯ ରନ ସଂଗ୍ରହ କରିଥିଲା। ଆଝାର ଅଲ୍ଲୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଦିବାକର କରଙ୍କୁ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲର ଓ ବେଷ୍ଟ ଫିଲ୍ଡର ଭାବେ ବାଲାବାବାର ରୋସନ ମହାନ୍ତି, ବ୍ୟାଟ୍ସମ୍ୟାନ ଓ ଉଇକେଟ କିପର ଭାବେ ରୋହିତ ଗାହାଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିଆନ ଦଳକୁ ଟ୍ରଫି ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କଥାକାର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନସାମନ୍ତରାୟ, ମ୍ୟୁନିସିପାଲଟି ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଆମ୍ରିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ବରିଷ୍ଠ ନେତା ସୁବାଷ ଚନ୍ଦ୍ର ଦାଶ, ବିଜୟ ନାୟକ, ସର୍ବେଶ୍ୱର ମହାନ୍ତି, ସୁଶାନ୍ତ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ଆୟୋଜକ ମହାବୀର ଯୁବକ ସଂଘର ସକ୍ରିୟ ସଦସ୍ୟ ବନୋଜ ସାହୁଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ମହାବୀର ଯୁବକ ସଂଘର ସଭାପତି ଆଶିଷ କୁମାର ରାଉଳ, ଉପସଭାପତି ଶଶଧର ପ୍ରଧାନ, ସଂପାଦକ ପ୍ରକାଶ ବେହେରା, ସଦସ୍ୟ ଆଲୋକ ନାୟକ, ସତ୍ୟ ରଞ୍ଜନ ବେହେରା, ପଙ୍କଜ ସାହୁ, ସୌମ୍ୟ ରଞ୍ଜନ ମହାନ୍ତି, ଜୟପ୍ରକାଶ ମହାରଣା, କୀରଣ କୁମାର ନାଥ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ● ସଂସାରଫଳରେ କାଉ ମଡ଼କ ଘଟଣା

## ରାଜ୍ୟ ପ୍ରାଣୀ ରୋଗ ନିରୂପଣ ସଂସ୍ଥାକୁ ପରୀକ୍ଷା ପାଇଁ ଗଲା ନମୂନା



**ରାଜନଗର,୧୩ା୧(ସମିସ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମରେ ୫୦ ଉର୍ଦ୍ଧ୍ୱ କାଉଙ୍କ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆଜି କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଏକ ଟିମ୍ ସଂସାରଫଳ ଗାଁରେ ପହଞ୍ଚି ମୃତ କାଉ ଗୁଡିକୁ ଦେଖିବା ସହିତ ସଂସାରଫଳ ଗାଁରେ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ ଅନୁଯାୟୀ କାଉଗୁଡିକୁ ପୋତି ଦେଇଛନ୍ତି। ଦୁଇଟି ମୃତ କାଉ ସହିତ ସେମାନଙ୍କ ମଳ, ପାଖରେ ଥିବା ପୋଖରୀ ପାଣିର ନମୂନା ପରୀକ୍ଷା ପାଇଁ ନିଆ ଯାଇଛି। ଏହି ନମୂନା ଗୁଡିକୁ ପରୀକ୍ଷା ପାଇଁ ରାଜ୍ୟ ପ୍ରାଣୀ ରୋଗ ନିରୂପଣ ସଂସ୍ଥା ଫୁଲନଖରାକୁ ପଠାଯାଇଛି ବୋଲି ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ରୋଗନିୟନ୍ତ୍ରଣ ଡାଃ. ମୃତ୍ୟୁଞ୍ଜୟ ମହାନ୍ତି ସୂଚନା ଦେଇଛନ୍ତି। ରିପୋର୍ଟ ଆସିବା ପରେ କାଉ ମୃତ୍ୟୁର ପ୍ରମୁଖ କାରଣ ଜଣାପଡିବ ବୋଲି କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗାଁର ଶିବ ମନ୍ଦିର ନିକଟ ଏବଂ ଆଖ ପାଖ ସ୍ଥାନରେ ୫୦ରୁ ଉର୍ଦ୍ଧ୍ୱ କାଉ ଗତ ୨ଦିନ ମଧ୍ୟରେ ମୃତ୍ୟୁ ବରଣ କରିଥିଲେ। କାଉ ଗୁଡିକ ହଠାତ୍ ଗଛରୁ ଖସି ପଡୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଗୋଟିଏ ଗାଁରେ ଦୁଇ ଦିନ ଭିତରେ ୫୦ରୁ ଉର୍ଦ୍ଧ୍ୱ କାଉଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳାଇଛି। ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ଭିଡ ଜମିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଓ ବିଦେଶରୁ ହଜାର ହଜାର କିଲୋମିଟର ଅତିକ୍ରମ କରି ବିଦେଶୀ ପକ୍ଷୀ ଭିତରକନିକାରେ ଭିଡ ଜମାଇଛନ୍ତି। ବର୍ତ୍ତମାନ ଧାନକଟା ସରିଥିବା ବେଳେ ବିଲରେ ଝଡି ପଡିଥିବା ଧାନ ଓ କୀଟପତଙ୍ଗ ଖାଇବା ପାଇଁ ବିଦେଶୀ ପକ୍ଷୀମାନେ ଜାତୀୟ ଉଦ୍ୟାନ ମଧ୍ୟରୁ ଗାଁ ଧାନ ବିଲରେ ବସୁଛନ୍ତି। ବିଦେଶାଗତ ପକ୍ଷୀଙ୍କ ଭିଡ ସମୟରେ କାଉମଡକ ଆତଙ୍କର ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହି କାଉ ମୃତ୍ୟୁ ଘଟଣାକୁ ବନବିଭାଗ ଗୁରୁତର ସହ ନେବା ସହ ଏହା ଉପରେ ନଜର ରଖିଥିବା ଜଣାପଡିଛି।

# ସ୍ୱର୍ଣ୍ଣ ପଦକ ବିଜୟୀ ସାହାଦତ୍ ଖାନ୍‌କୁ ଜନ୍ମମାଟିରେ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା,୧୩ା୧(ସମିସ)**




**କେନ୍ଦ୍ରାପଡ଼ା ପାଇଁ ଗର୍ବ ସାହାଦତ୍**

ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଫେରିଥିବା କୁନି ଧାବକ ସାହାଦତ ଖାନକୁ କେନ୍ଦ୍ରାପଡାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାହାଦତ ନେପାଳରୁ ଫେରି ଦୁହୁରିଆ ନିକଟରେ ପହଞ୍ଚିବା ପରେ ସେଠାରୁ ଏକ ସୁସଜ୍ଜିତ ଗାଡିରେ ତାଙ୍କୁ ଏକ ବିରାଟ ପଟୁଆରରେ ସହର ମଧ୍ୟ ଦେଇ ପୁରୁଣା ବସଷ୍ଟାଣ୍ଡକୁ ପାଛୋଟି ଅଣାଯାଇଥିଲା। ସେଠାରେ ବିଭିନ୍ନ କ୍ରୀଡା ଅନୁଷ୍ଠାନ ସମେତ ସାମାଜିକ ସଂଗଠନ ଗୁଡିକ ପକ୍ଷରୁ ମଧ୍ୟ ଅନ୍ତର୍ଜାତୀୟ କ୍ରୀଡାବିତ ସାହାଦତ ଖାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନେପାଳର ପୋଖରା ରଙ୍ଗଶାଳାର ଅନ୍ତର୍ଜାତୀୟ ଷ୍ଟାଡିୟମରେ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଆଣ୍ଡ ପ୍ରମୋସନ ଫାଉଣ୍ଡେସନ ଅଫ ଇଣ୍ଡିଆ ପକ୍ଷରୁ ତିନିଦିନ ଧରି ଆୟୋଜିତ ଷଷ୍ଠ ଇଣ୍ଡୋ -ନେପାଳ ଇଣ୍ଟରନେସନାଲ ଚମ୍ପିୟନସିପ୍‌ରେ ଭାରତରୁ ୧୦୩ଜଣ ପ୍ରତିଯୋଗୀ ଭାଗନେଇଥିବା ବେଳେ ଓଡିଶାରୁ ୬ଜଣ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡିଶାର ବିକାଶ ବେହେରା ଭଲିବଲରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ସେକ ସାକିର କବାଡିରେ ରୌପ୍ୟ, ମାନସରଞ୍ଜନ ପିଙ୍ଗୁଆ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ, ବିଶ୍ୱଜିତ ପଣ୍ଡା ୫ହଜାର ମିଟରରେ ରୌପ୍ୟ, ସୁମିତ କୁମାର ଏକଶହ ମିଟରରେ ସ୍ୱର୍ଣ୍ଣ, ସାହାଦତ ଖାନ ୫ହଜାର ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଚମ୍ପିୟନସିପରେ ଭାରତର ସର୍ବକନିଷ୍ଠ ଖେଳାଳୀ ଭାବେ ୮ ବର୍ଷିୟ ସାହାଦତ ଖାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ସୁନାମ ଅର୍ଜନ କରିଥିବାରୁ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଆଣ୍ଡ ପ୍ରମୋସନ ଆସୋସିଏସନର ସଭାପତି ପ୍ରତାପ ସଂଗ୍ରାମ କେଶରୀ ବଳ ଓ ସମ୍ପାଦକ ତଥା କୋଚ ଜଗଦୀଶ ସାମଲ ସମସ୍ତ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କୁନିଧାବକ ସାହାଦତର ପିତା ସୌକତ ଖାନକୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବଡହାଟସ୍ଥିତ ଆପେକ୍ସ ଆଙ୍ଗଲୋ ଆରବିକ ସ୍କୁଲ ପକ୍ଷରୁ ଛାତ୍ର ତଥା ଅନ୍ତର୍ଜାତୀୟ ଖେଳାଳି ସାହାଦତ ଖାନକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍କୁଲ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷ ସାୟରା ପରୱିନଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କାକଟମଙ୍ଗଳା କ୍ଲଷ୍ଟରର ସିଆରସିସି. ଦେବାଶିଷ ସାହୁ, ବିଶିଷ୍ଟ ଅତିଥି ଭାବେ ପୁଲିସ ମୁଖ୍ୟାଳୟର ଡିଏସପି ଜ୍ୟୋତିରଞ୍ଜନ ସାମନ୍ତରାୟ, ସମ୍ମାନୀତ ଅତିଥି ଭାବେ ଉପନଗରପାଳ ଅକ୍ତରୀ ଖାତୁନ, ଆଥଲେଟିକ ଆସୋସିଏସନର ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ହାବିଲଦାର ନରେନ୍ଦ୍ର ନାଥ ସୋରେନ, ମଦ୍ରାସା ଆରବିୟା ତାଲିମୁଲ ଇସଲାମ୍‌ର ସଭାପତି ମୀର ହାସିମୁଲ୍ଲା ପ୍ରମୁଖ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ର ସାହାଦତ ଖାନଙ୍କ ସମେତ ରାଜ୍ୟର ଦୁଇଜଣ ଖେଳାଳି ବିଶ୍ୱଜିତ ପଣ୍ଡା ଓ ସେକ ସାକିରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଭାଟପଡା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



**ରାଜନଗର,୧୩ା୧(ସମିସ):** ରାଜନଗର ବ୍ଲକ ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି କଳ୍ପତରୁ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସମିତିର ନିର୍ଦ୍ଦେଶକ ଧର୍ମାନନ୍ଦ ପରିଡା, ଅକ୍ଷୟ କୁମାର ସ୍ୱାଇଁ, ନରହରି ଜେନା, ରାଜକିଶୋର ରାଉତ, କ୍ଷୀରୋଦ ରାଉତ, ବିଶ୍ୱନାଥ ସେଠୀ, ଅମୀୟ ମହାନ୍ତି, ସୁଧୀର କୁମାର ନାଥ, ମାଧବାନନ୍ଦ ମଳିକ ପ୍ରମୁଖ ଯୋଗଦେଇଥିଲେ। ସମିତିର ଧାନଚାଷୀ ବୁଦ୍ଧଦେବ ସ୍ୱାଇଁ, ଅନାମ ଚରଣ ସ୍ୱାଇଁ, ବସନ୍ତ ସ୍ୱାଇଁ, ଗୌରାଙ୍ଗ କବି, ସର୍ବେଶ୍ୱର ମଳିକ, କଳାକାର ସ୍ୱାଇଁ, ପ୍ରଭାକର ସ୍ୱାଇଁ, ରଘୁନାଥ କବି, ପିତାମ୍ବର କବି, ଚନ୍ଦ୍ରମଣି କବି ପ୍ରମୁଖ ଚାଷୀ ସେମାନଙ୍କ ଧାନ ଆଣି ମଣ୍ଡିରେ ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ନୀଳମଣି ପ୍ରଧାନ, ଆଶିଷ କୁମାର ସ୍ୱାଇଁ, ପ୍ରୀୟ ରଞ୍ଜନ ରାଉତ, ଅଚ୍ୟୁତାନନ୍ଦ ସ୍ୱାଇଁ, ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପାଣିର ଗାର

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ଛେଳିଆ ଗ୍ରାମବାସୀ

କଣିହାଁ, ୧୩ା୧(ସମିସ)



କଣିହାଁ, ୧୩ା୧(ସମିସ): କଣିହା ଓସିପି କର୍ତ୍ତୃପକ୍ଷ ଗତ ମାସରେ ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲା । ପ୍ରତିଶ୍ରୁତି ମୁତାବକ ଖଣି ଅଧିକାରୀମାନେ ନିଯୁକ୍ତି, ଥଇଥାନ ପ୍ରକ୍ରିୟା ଅହେତୁକ ବିଳମ୍ବ କରିବାରୁ ଏହାକୁ ବିରୋଧ କରି ତାଳଚେର ସୁରକ୍ଷା ମଞ୍ଚର ନିର୍ଦ୍ଦେଶ କ୍ରମେ ଛେଳିଆ ଗ୍ରାମବାସୀ କଣିହା ଓସିପି ମୁଖ୍ୟ ଫାଟକ ସମ୍ମୁଖରେ ଆଜି ସକାଳ ୫ ଘଣ୍ଟିକାରୁ ବିକ୍ଷୋଭ ପ୍ରଦର୍ଶନ କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣ ଦେଇଛତି। ଏହି ଆନ୍ଦୋଳନକୁ ବିଧାୟକ ଶ୍ରୀ ପ୍ରଧାନ ସମର୍ଥନ ଜଣାଇ ଧାରଣରେ ସାମିଲ ହୋଇଛନ୍ତି । କଣିହା ମହାପ୍ରବନ୍ଧକ କିଶୋର କୁମାର ରାଉଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଧାୟକ ଶ୍ରୀ ପ୍ରଧାନ ଖଣି ଅଧିକାରୀଙ୍କ ନିଯୁକ୍ତି, ଥଇଥାନ ବିଳମ୍ବ ପ୍ରକ୍ରିୟାକୁ ବିରୋଧ କରି ଖଣି ଅଧିକାରୀଙ୍କୁ ବିଭିନ୍ନ ପ୍ରକାର ଭର୍ତ୍ସନା କରିଥିଲେ । ଆନ୍ଦୋଳନ ଯୋଗୁଁ ଖଣି କାର୍ଯ୍ୟ ବନ୍ଦହୋଇ ଉତ୍ତୋଳନ, ପରିବହନ କାର୍ଯ୍ୟ ଠପ୍ ହୋଇଯାଇଛି । କଣିହା ଓସିପିର ଟାଳଟୁଳ ନୀତି ଅବଲମ୍ବନ ଯୋଗୁଁ ଖଣି ମୁଖ୍ୟ ଫାଟକ ନିକଟରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି । ବିଭିନ୍ନ ଗ୍ରାମବାସୀଙ୍କୁ ନିଯୁକ୍ତି, ଥଇଥାନ କାର୍ଯ୍ୟ କରୁ ନଥିବାରୁ କଂସମୁଣ୍ଡା, କଣିହା, ପଥରମୁଣ୍ଡାରେ ଟେଣ୍ଟମାରି ଅନେକ ସମୟରେ ଆନ୍ଦୋଳନ କରିଥିବାର ନଜିର ରହିଛି । ଖଣି କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଜମିହର ପ୍ରଜାଙ୍କ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ସାମଗ୍ରିକ ଭାବେ ସମସ୍ତ କ୍ଷତିଗ୍ରସ୍ତ ପ୍ରଜା ଆନ୍ଦୋଳନକୁ ଓହ୍ଲାଇବା ପାଇଁ

**କୋଇଲା ଉତ୍ତୋଳନ ଓ ପରିବହନ କାର୍ଯ୍ୟ ବନ୍ଦ**

ସଜବାଜ ହେଉଛନ୍ତି । ଏହି ଆନ୍ଦୋଳନକୁ ବଡତ୍ରିବିଡା ସରପଞ୍ଚ ଶାନ୍ତନୁ କୁମାର ପ୍ରଧାନ, ରୁକ୍ମଣୀ ପ୍ରଧାନ, ସମିତ ସଦ୍ୟ କିଶୋର ଚନ୍ଦ୍ର ବେହେରା, ଗ୍ରାମ ସଭାପତି ମାଗୁଣି ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ବେହେରା, ଇନ୍ଦ୍ରମଣି ସାହୁ, ଶ୍ରୀପତି ସାହୁ, ହେମନ୍ତ ସାହୁ, ବଳଭଦ୍ର ପ୍ରଧାନ, ଲୁଲୁ ପ୍ରଧାନ ସମେତ ଗ୍ରାମର ଶତାଧିକ ଲୋକ ସମର୍ଥ କରି ଧାରଣାର ନେତୃତ୍ୱ ନେଉଛନ୍ତି ।

## ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳାରେ ଜମୁଛି ବେପାର



**ଅନୁଗୋଳ,୧୩ା୧(ସମିସ):** ହାଇସ୍କୁଲ ପଡିଆରେ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ଗତ ଗୁରୁବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି। ଢେଙ୍କାନାଳ ସାଂସଦ ମହେଶ ସାହୁ ଏହାକୁ ଉଦଘାଟନ କରିଥିଲେ। ଓରମାସ ସାହାଯ୍ୟରେ ଆୟୋଜିତ ଏହି ମେଳାରେ ୧୦୦ ରୁ ଅଧିକ ଷ୍ଟଲ ଲାଗିଛି। ବିଶେଷ କରି ଓଡ଼ିଶାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରୁଥିବା ଜିନିଷ ଏଠାରେ ବିକ୍ରି ହେଉଛି। କଟକ, ସମ୍ବଲପୁର, ବରଗଡ଼, ଗଞ୍ଜାମ, ଗଜପତି, ନୟାଗଡ଼ ଆଦି ଜିଲ୍ଲାର ବହୁ ଷ୍ଟଲ ପଡ଼ିଛି। ଅନୁଗୁଳର ମହିଳା ଗୋଷ୍ଠୀଙ୍କ ପକ୍ଷରୁ ମଧ୍ୟ ଅନେକ ଷ୍ଟଲ ଲାଗିଛି। ଛେଳିଆପଡ଼ା ଆଚାର ଠାରୁ ହଣ୍ଡପା , କିଶୋର ନଗର ଅଞ୍ଚଳର ଶସ୍ୟ, ବନରପାଳ, ଆଠମଲ୍ଲିକ ଅଞ୍ଚଳର ବହୁ ଗୋଷ୍ଠୀ ଟେରାକୋଟା , କଣ୍ଢେଇ, ଧୂପକାଠୀ ଆଦି ବିକ୍ରୟ କରୁଥିବା ଦେଖିବାକୁ ମିଳିଥିଲା। ଶାଢ଼ି, ଗରମ ପୋଷାକ ଓ ଖାଦ୍ୟ ଷ୍ଟଲ ମଧ୍ୟ ମହିଳା ଓ ପିଲାମାନଙ୍କୁ ବିଶେଷ ଆକୃଷ୍ଟ କରିଥିଲା। ଏହାଛଡା ମେଳାରେ ଜିଲ୍ଲାର ବିଭିନ୍ନ ବିଭାଗର ମଧ ସଚେତନତା ଷ୍ଟଲମାନ ଖୋଲିଥିଲା। ମେଳା ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ରାମଚଣ୍ଡୀ ପୀଠରେ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ



ଓଡାପଡ଼ା, ୧୩ା୧(ସସିମ) : ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ଅନ୍ତର୍ଗତ ନାଧରାସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ୨୮ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହେଉଅଛି। ଯଜ୍ଞସ୍ଥଳରେ ଅଙ୍କୁରାରୋପଣ ହୋଇ ଶୁକ୍ରବାର ସକାଳେ ଧ୍ୱଜା ଉତ୍ତୋଳନ ପରେ ଆକର୍ଷଣୀୟ କଳସଯାତ୍ରା ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ତଳବାଘଲୁଣ୍ଡାସ୍ଥିତ ଶିବମନ୍ଦିରରୁ ବାହାରି ବ୍ରାହ୍ମଣୀନଦୀକୂଳ ଗୋକନକେଶ୍ୱର ନଦୀଘାଟରେ ପହଞ୍ଚିଥିଲା। ଏଥିରେ ୩ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ଶତାଧିକ ଭକ୍ତ, ନାମସଂକୀର୍ତ୍ତନ, ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଓ ବାଜାରେ ଚତୁର୍ଦ୍ଦିଗ ପ୍ରକମ୍ପିତ କରି ଯାତ୍ରା କରିଥିଲେ। ନଦୀର ବାଲିପଠାରେ ବାଲୁକାପୂଜା ପରେ ମା'ଙ୍କ ପୀଠରେ ପୂର୍ଣ୍ଣକଳସ ସହିତ ପହଞ୍ଚିଥିଲେ। ଆଜି ଅଧିବାସ ଦିବସର ଘଟସ୍ଥାପନା କରାଯାଇଛି। ଯଜ୍ଞକର୍ତ୍ତା ଭାବେ ପ୍ରଦୀପ୍ତ ମହାପାତ୍ର ଓ ସସ୍ମିତା ପଣ୍ଡା, ଆର୍ତ୍ତତ୍ରାଣ ଓ ରଶ୍ମିରେଖା ପୃଷ୍ଟି, ତ୍ରିଲୋଚନ ଓ ସ୍ନେହଲତା ପୃଷ୍ଟି, ରୋହିତ ଓ ଦିବ୍ୟାଭାରତୀ ପୃଷ୍ଟି ଦାୟିତ୍ୱ ବହନ କରୁଛନ୍ତି। ଯଜ୍ଞାଚାର୍ଯ୍ୟ ଦିବାକର ରଥଶର୍ମା ଓ ସହକର୍ମୀ ଯଜ୍ଞକାର୍ଯ୍ୟ ସମ୍ପାଦନା କରିବେ। ପ୍ରତ୍ୟହ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଓ ନାମ ପାରାୟଣ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଉଅଛି।

## ଡିଭିଜନସ୍ତରୀୟ ସେଫ୍ଟି ଅଫିସରଙ୍କ ସମ୍ମିଳନୀ




ଢେଙ୍କାନାଳ, ୧୩ା୧(ସମିସ): ଢେଙ୍କାନାଳ ଜିଲ୍ଲା କମଲାଙ୍ଗ ସ୍ଥିତ ଜିଏମଆର କାରଖାନା ପରିସରରେ ଡିଭିଜନସ୍ତରୀୟ ସେଫ୍ଟି ଅଫିସରଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କାରଖାନାରେ କାର୍ଯ୍ୟରତ ଶ୍ରମିକ ଏବଂ କର୍ମଚାରୀମାନଙ୍କ ନିରାପତ୍ତା ପାଇଁ କିଭଳି ଅତ୍ୟାଧୁନିତ ଜ୍ଞାନକୌଶଳ ସହାୟ ହୋଇପାରିବ, ସେହି ଲକ୍ଷ୍ୟରେ ଅନୁଗୁଳ ଡିଭିଜନର ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲାରେ କାର୍ଯ୍ୟରତ ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ ସେଫ୍ଟିଅଫିସରମାନଙ୍କୁ ସଚେତନ କରିବା ଏହାରମୂଳ ଲକ୍ଷ୍ୟବୋଲି ଜଣାପଡ଼ିଛି। ଏହି ସମ୍ମିଳନୀରେ ଶ୍ରମ ବିଭାଗ କମିଶନର ତଥା ସଚିବ ଆର ସନ୍ଥଗୋପାଳ, କାରଖାନାଏବଂ ବାଷ୍ପିତ ବିଭାଗର ନିର୍ଦ୍ଦେଶକ ଅନୁପମ ଶାହ, ଉପନିର୍ଦ୍ଦେଶକ ମଳୟ କୁମାର ପ୍ରଧାନ, କାରଖାନା ଏବଂ ବାଷ୍ପିତ ବିଭାଗ ଅନୁଗୁଳଜୋନ ଉପନିର୍ଦ୍ଦେଶକ ରମେଶ କୁମାର ବେହେରା, ଢେଙ୍କାନାଳ ଜୋନର ସହ ନିର୍ଦ୍ଦେଶିକା ପୁଷ୍ପମିତ୍ରା ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଟାଟା ଷ୍ଟିଲ ମେରାମଣ୍ଡଳୀ, ଜିଏମଆର କମଳାଙ୍ଗ, ନାଲକୋ, ଜେଏସ, ନାଭା ଲିମିଟେଡ, ଏମଜିଏମ, ବିଆରଜି, ନର୍ଭେରାମ ପାୱାରପ୍ଲାଣ୍ଟ, ଉତ୍କଳ ଆଜବେଷ୍ଟସ ଭଳି କାରଖାନାର ସେଫ୍ଟି ଅଫିସରମାନେ ଯୋଗଦେଇଥିଲେ।

## ଶ୍ରୀଜଗନ୍ନାଥ ରଥକୁ ଭବ୍ୟ ସ୍ୱାଗତ

ଗଁଦିଆ, ୧୩ା୧ (ସମିସ) : ଗଁଦିଆ ବ୍ଲକ ଅନ୍ତର୍ଗତ ଖଙ୍କିରା ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରକଳ୍ପ ପରିକ୍ରମା ରଥକୁ ଭବ ସ୍ୱାଗତ କରାଯାଇଛି। ମହାଦେବ ରାମେଶ୍ୱର ମନ୍ଦିରଠାରୁ ରଥ ବାହାରି ଗ୍ରାମ ପରିକ୍ରମା କରିଥିଲା। ହରିବୋଲ, କୀର୍ତ୍ତନ, ପାରମ୍ପରିକ ନୃତ୍ୟରେ ଏକ ରଥଯାତ୍ରାର ଭ୍ରମ ସୃଷ୍ଟି ହୋଇଥିଲା ଏଥିରେ ହଜାର ଶ୍ରଦ୍ଧାଳୁମାନେ ଯୋଗଦାନ କରି ଜୟ ଜଗନାଥଧ୍ୱନିରେ ଗଗନ ପବନ ମୁଖରିତ କରାଇଥିଲେ। ଏକ ଆଧାତ୍ମିକ ପରିବେଶ ଓ ଜଗନ୍ନାଥ ମୟ ଖଙ୍କିରା ଗ୍ରାମ ପାଲଟିଯାଇଥିଲା।

## ନୂତନ କ୍ୟାଲେଣ୍ଡର ସହ ମିଷ୍ଟାନ୍ନ ବାଣ୍ଟିଲେ ବିଧାୟକ



ପବିତ୍ରନଗର,୧୩ା୧(ସମିସ): କଣିହାଁ ବ୍ଲକ ଅନ୍ତର୍ଗତ ପବିତ୍ରନଗର ବଜାରରେ କ୍ୟାଲେଣ୍ଡର ଓ ମିଷ୍ଟାନ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହା ଯୁବ ବିଧାୟକ ମୁକେଶ କୁମାର ପାଳ ଯୋଗ ଦେଇଥିଲେ। ପବିତ୍ରନଗର ବଜାରଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ସମସ୍ତ ଦୋକାନ ଭାଇମାନଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ କ୍ୟାଲେଣ୍ଡର ଓ ମିଷ୍ଟାନ ଖୁଆଇଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ, ପାଲଲହା ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ସୁବାଷ ମହାନ୍ତି, ପରାବିଲ ପଞ୍ଚାୟତ ସଭାପତି ପର୍ଶୁରାମ ବିଶ୍ୱାଳ, କର୍ଣ୍ଣପାଳ ପଞ୍ଚାୟତ ସଭାପତି ରବି ଚନ୍ଦ୍ର ରାଉତ, ବୀରୁ ସଭାପତି ଅବନି ଦେହୁରୀ, ବିରଞ୍ଚି ନାରାୟଣ ସାହୁ, ଧ୍ରୁବ ଚରଣ ବିଶ୍ୱାଳ, ଧନେଶ୍ୱର ବିଶ୍ୱାଳ, ରବିଚନ୍ଦ୍ର ମହାନ୍ତି, ତପନ ବେହେରା ପ୍ରମୁଖ ଶତାଧିକ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଭାଜପାର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

**ଆଠମଲ୍ଲିକ,୧୩ା୧(ସମିସ):** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ପଇଁଚକୁଳ ଅଞ୍ଚଳର ଜାମୁଡୁଲୀ ଓ ଲୁହାସିଙ୍ଗା ପଞ୍ଚାୟତରେ ଭାଜପାର ପଞ୍ଚାୟତସ୍ତରୀୟ କର୍ମ ସମ୍ମିଳନୀ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଯାଇଛି । ଲୁହାସିଙ୍ଗା ପଞ୍ଚାୟତର ତେନ୍ତୁଳିପଦର ଶ୍ରୀରାମ ମନ୍ଦିର ନିକଟରେ ଆୟୋଜିତ ସମ୍ମିଳନୀରେ ପଞ୍ଚାୟତ ପ୍ରମୁଖ ସଂଜୀବ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ନେତା ରବୀନ୍ଦ୍ର ସାହୁ ସଂଯୋଜନା କରିଥିଲେ । ଏଥିରେ ଭାଗ୍ୟ ମହାରଣା, ମହୋନ ସେଠୀ, ଶ୍ରବଣ ନାଏକ, ମାଗୁଣି ବେହେରା, ମାନସ ବେହେରା ଓ ନରେନ୍ଦ୍ର ଖମ୍ବ ଆଦି ଏହି ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ । ଅନୁରୂପ ଭାବେ ଜାମୁଡୋଲୀ ପଞ୍ଚାୟତର ସମ୍ମିଳନୀ ନାବିନିକେୟୀ ଶକ୍ତିପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତ ପ୍ରମୁଖ ସୁଦାମ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ସରପଞ୍ଚ ରବିନାରାୟଣ ସାଠ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଆଦିକନ୍ଦ ପ୍ରଧାନଙ୍କ ସମେତ କେଶବ ପ୍ରଧାନ, ଅମୀୟ ପ୍ରଧାନ, ପୁରନ୍ଦର ଦେହୁରୀ, ଭାଗ୍ୟଧର ସାହୁ, ପଞ୍ଚାନନ ପ୍ରଧାନ, ନରେଶ ରାଉଳ, ନରେନ୍ଦ୍ର ଘିବାଲା, ଲମ୍ବୋଦର ପ୍ରଧାନ, ଶ୍ରୀବତ୍ସ ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଆଠମଲ୍ଲିକ ବିଧାନସଭା ନେତା ତଥା ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ , ମୁଖ୍ୟବକ୍ତାଭାବେ ଅନୁଗୁଳ ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ ସଂଗଠନର ପାଞ୍ଚସୂତ୍ର କାର୍ଯ୍ୟକ୍ରମ ତଥା ଅନ୍ୟ ସାଙ୍ଗଠନିକ ଦିଗ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉଭୟ ସମ୍ମିଳନୀରେ ଅଏଡା ମଣ୍ଡଳର ପ୍ରଭାରୀ ଚୈତନ୍ୟ ସାହୁ, ଆଠମଲ୍ଲିକ ମଣ୍ଡଳ ସଭାପତି ଅବନୀ ପ୍ରଧାନ, ସାଧାରଣ ସମ୍ପାଦକ ପିନା ପାଣିଗ୍ରାହୀ, ଉପସଭାପତି ସୁଶାନ୍ତ ପ୍ରଧାନ, ମାଧପୁର ମଣ୍ଡଳର ସଭାପତି ବିଜୟା ନନ୍ଦ ପ୍ରଧାନ ତଥା ମଇମୁରା ପଞ୍ଚାୟତର କୈବଲ୍ୟ ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏଥିରେ ଶତାଧିକ କ୍ୟାଡର କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ ।

## ଉଦ୍‌ଯାପନୀ ମ୍ୟାଚରେ ଡେରଙ୍ଗ ଚାମ୍ପିଅନ



**କଣିହାଁ, ୧୩ା୧ (ସମିସ):** ଅନୁଗୁଳ ଜିଲ୍ଲା କଣିହା ବ୍ଲକ ମଶୁଣିହତା ଖେଳ ପଡିଆରେ ଆସ୍କନ କ୍ରିକେଟ ଟିମ୍ ଆନୁକୂଲ୍ୟରେ ସିରିଜ୍ ମ୍ୟାଚ ଉଦଯାପନୀ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ସରପଞ୍ଚ ରଞ୍ଜିତ ବେହେରା, ଗ୍ରାମ ସଭାପତି ରଞ୍ଜନ ପାଣି, ସାମାଜିକ କର୍ମୀ ଶିବ ପ୍ରସାଦ ରାଉତ ଯୋଗଦେଇଥିଲେ। ବିଜୟୀ ଡେରଙ୍ଗ ଟିମକୁ ୬ ହଜାର ଟଙ୍କା, ଉପବିଜେତାକୁ ୪ ହଜାର ଟଙ୍କା ଓ କପ ପ୍ରଦାନ କରାଯାଇଛି । ମ୍ୟାନ୍ ଅଫ ଦି ସିରିଜ୍ ଡୁନା ବେହେରା ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଭାଗବାନ ବେହେରା ବିବେଚିତ ହୋଇଥିଲେ। ଆସ୍କନ କ୍ରିକେଟ କ୍ଲବର ଉଦ୍ୟୋକ୍ତା ସୁମନ କୁମାର ପାଣି, ହାଲିସ୍କି ବେହେରା, ଆଲୋକ ପ୍ରଧାନ ସମେତ ଟିମ୍ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜଙ୍ଗଲରେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାଲଲହଡ଼ା, ୧୩ା୧(ସମିସ):** ପାଲଲହା ଥାନା ନଗିରା ପଞ୍ଚାୟତ ବାଲିବାହାଳ ଗ୍ରାମ ଜଙ୍ଗଲରେ ଏକ ମହିଳାଙ୍କ ମୃତଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ବାଲିବାହାଳ ଗ୍ରାମର କିଛି ଲୋକ ଜାଳେଣି କାଠ ପାଇଁ ଜଙ୍ଗଲକୁ ଯାଇଥିବା ସମୟରେ ଜଙ୍ଗଲରେ ଘଟଣାସ୍ଥଳକୁ ଯାଇ ଦେଖିବାକୁ ପାଇଥିଲେ। ପାଲଲହା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ ମୃତ ମହିଳା ଜଣଙ୍କ ବାଲିବାହାଳ ଗ୍ରାମର ରୂପସୀ ଦେହୁରୀ (୨୮) ହୋଇଥିବା ବେଳେ ପୂର୍ବରୁ କେନ୍ଦୁଝର ଜିଲ୍ଲା ରାଇସୁଆଁ ଥାନା ଅନ୍ତର୍ଗତ ଦନାର୍ଦ୍ଦନପୁର ଗ୍ରାମର କାଳିଆ ଦେହୁରୀଙ୍କୁ ବିବାହ କରିଥିଲେ। କିଛିଦିନ ପୂର୍ବରୁ ନିଜ ବାପଘର ବାଲିବାହାଳ ଗ୍ରାମକୁ ଆସିଥିବା ବେଳେ ବାପଘରୁ ନିଖୋଜ ହୋଇଯାଇଥିଲା ବେଳେ ଆଜି ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପାଲଲହଡା ପୁଲିସ ଏକ ଅପମୃତ୍ୟ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ବରିଷ୍ଠ ନାଗରିକ ମଞ୍ଚ ଗଠିତ

## ୮୯ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ

**ଢେଙ୍କାନାଳ, ୧୩ା୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ଶିବମନ୍ଦିରଠାର ଢେଙ୍କାନାଳ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ଯୋରନ୍ଦା ଶାଖା ପରିଚାଳନା କମିଟି ଗଠିତ ହୋଇଛି। ଜିଲ୍ଲା ସଙ୍ଘ ସଭାପତି ଦୁର୍ଗାମାଧବ ମିଶ୍ରଙ୍କ ପରାମର୍ଶରେ ବୈଠକ ଅନୁଷ୍ଠିତ ହୋଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବରେ ରବିନାରାୟଣ ରାଉଳ, ଉପସଭାପତି ପୀତବାସ ରାଉତ, ସମ୍ପାଦକ ନେତ୍ରାନନ୍ଦ ରାଉତ, ସହସମ୍ପାଦକ ସରୋଜ କୁମାର ଶତପଥୀ, କୋଷାଧ୍ୟକ୍ଷ ଶରତ କୁମାର ରାଉତ ପ୍ରମୁଖ ମନୋନୀତ ହୋଇଛନ୍ତି। ପରିଚାଳନା କମିଟି ସଭ୍ୟ ଭାବରେ ଭୀମସେନ ନାୟକ, ଯୁଧିଷ୍ଠିର ମହାନ୍ତି, ଗନ୍ଧର୍ବ ଚରଣ ଲେଙ୍କା, ବିରଞ୍ଚି ନାରାୟଣ ନାୟକ,



ଅନ୍ତର୍ଯ୍ୟାମୀ ରାଉତ, ଉମାକାନ୍ତ ଧୀର, ସାଧୁଚରଣ ବେହେରା, ଜ୍ଞାନରଞ୍ଜନ ତ୍ରିପାଠୀ, ପଙ୍କଜ ଚରଣ ଶତପଥୀ, ଶରତ କୁମାର ପ୍ରଧାନ, ରାମଚନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ବିଦ୍ୟାଧର ବେହେରା, ବିରଞ୍ଚିନାରାୟଣ ପଣ୍ଡା, କାହ୍ନୁଚରଣ ସାହୁ ଓ ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ମନୋନୀତ ହୋଇଛନ୍ତି। ଜିଲ୍ଲା ଏସପିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୮୯ଜଣ ବରିଷ୍ଠନାଗରିକଙ୍କ ପରିଚୟ ପତ୍ର ଜିଲ୍ଲା ସମ୍ପାଦକ ବଣ୍ଟନ କରିଥିଲେ। ବୈଠକରେ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହିମା ଗାଦୀ ଅଞ୍ଚଳକୁ ଏନଏସି ଭାବରେ ଘୋଷଣା କରାଯିବାକୁ ଦାବି କରାଯାଇଥିଲ।

## ଓଡାପଡ଼ା ବ୍ଲକରେ ଖାଦ୍ୟ ଆୟୋଗଙ୍କ ଯାଞ୍ଚ

ଢେଙ୍କାନାଳ, ୧୩ା୧(ସମିସ) ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସଦସ୍ୟ ଅକ୍ଷୟ କୁମାର ବେହେରା ଖାଦ୍ୟଯାଞ୍ଚ କରିଥିବା ଜଣାପଡ଼ିଛି। ଓଡାପଡ଼ା ବ୍ଲକର କମଲାଙ୍ଗ-୨(କ), କମଲାଙ୍ଗ-୧(କ).କମଲାଙ୍ଗ-୧, ମାନିଆବେଡା, ମଙ୍ଗଳପୁର-୧, ମଙ୍ଗଳପୁର-୨, ମଙ୍ଗଳପୁର-୩, ମଙ୍ଗଳପୁର-୪, କୁରୁଣ୍ଟି-୧, ୨ ଏବଂ ୨(ଖ), ଭଗାମୁଣ୍ଡା ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟ, କମଲାଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟ, ମାନିଆବେଡା ପ୍ରାଥମିକ ବିଦ୍ୟାଳୟ, ମଙ୍ଗଳପୁର ୟୁପି ସ୍କୁଲ, କୁସୁପଙ୍ଗା ଉଚ୍ଚ ବିଦ୍ୟାଳୟ, କୁରୁଣ୍ଟି ୟୁପି ସ୍କୁଲ, ଶିବପୁର ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଛାତ୍ରୀନିବାର ପରିବେଶ ଏବଂ ପରିଷ୍କାର ପରିଛନ୍ନତା ଯାଞ୍ଚ କରିଥିଲେ। କେତେକ ଅଙ୍ଗନବାଡି କେନ୍ଦ୍ରରେ ଖାଦ୍ୟ ସାରଣୀ ଅନୁସାରେ ଖାଦ୍ୟ ପ୍ରଦାନ କରାଯାଉନଥିବାରୁ ସେମାନଙ୍କୁ ସଠିକ ଖାଦ୍ୟଦେବାକୁ ପରାମର୍ଶଦେଇଥିଲେ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ କହିଥିଲେ।

## ୧୫ ୱାର୍ଡରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ଢେଙ୍କାନାଳ, ୧୩ା୧(ସମିସ):** ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟିଆ ଗ୍ରାମପଞ୍ଚାୟତର ୧୫ଗୋଟି ୱାର୍ଡରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ପ୍ରଥମଦିନ ଗୁରୁଜଙ୍ଗ ଗ୍ରାମର ଶନିମନ୍ଦିର ସମ୍ମୁଖରେ ଅର୍ପଣ ରଥକୁ ଝୋଟି, ଚିତା ଓ କଳସ ସହ ପୂଜା ଅର୍ଚ୍ଚନା କରାଯିବା ସହିତ ସରପଞ୍ଚ କୈଳାସ ଦେହୁରୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ନରୋତ୍ତମ ସାହୁ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା, ସମିତିସଭ୍ୟା, ମହିଳା ମହାମଞ୍ଚର ଏମ୍ବିକେ, ସିଆର୍ପି, ପଞ୍ଚାୟତ ପିଇଓ, ଜିଆର୍‌ଏସ, ଗୁରୁଜଙ୍ଗ ଗ୍ରାମର ୨ଟି ସଂକୀର୍ତ୍ତନ ଦଳ ଓ ଗେଙ୍ଗୁଟିଆ ଗ୍ରାମର ୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଦୁଇଦିନରେ ଘର ଘର ବୁଲି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୁଆ ଓ ଚାଉଳ ସଂଗ୍ରହ କରିଛନ୍ତି। ଏଥିରେ ଗ୍ରାମପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ। ପ୍ରଥମ ଦିନ ଗୁରୁଜଙ୍ଗ, କଳପାଳ, ହଳଦୀବାରୀ ଓ ରଣପଶି ଗ୍ରାମକୁ ରଥ ପରିକ୍ରମା କରିବା ସହ ଦ୍ୱିତୀୟ ଦିନ ଗେଙ୍ଗୁଟିଆ ଗ୍ରାମର ୯ ଗୋଟି ୱାର୍ଡର ଗେଙ୍ଗୁଟିଆସ୍ଥ ତ୍ରିନାଥ ମନ୍ଦିର, ମଙ୍ଗଳା ମନ୍ଦିର, ସତ୍ୟନାରାୟଣ ମନ୍ଦିର, ଭଗବତ ଜୀଉ ମନ୍ଦିର ପ୍ରାଙ୍ଗଣରେ ଝୋଟି, ଚିତା ଓ ପୂର୍ଣ୍ଣ କଳସ ସହ ବନ୍ଦାପନା ଓ ପୂଜା ଅର୍ଚ୍ଚନା କରି ସାହିକୁ ସାହି କୈବର୍ତ୍ତ ସାହି, ହରିଜନ ସାହି, ଶବର ସାହି, ମହାନ୍ତି ସାହି, କାରିଗର ସାହି, ଉପର ସାହି, ମଝି ସାହି, ନୂଆ ସାହି, ତଳସାହିକୁ ରଥ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ଗେଙ୍ଗୁଟିଆ ଗ୍ରାମର ଗ୍ରାମ୍ୟ କମିଟି ସଭାପତି ରମେଶ ରାଉତ, ପ୍ରଦୀପ କୁମାର ମଲ୍ଲିକ, ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ମନୋଜ ମହାନ୍ତି, ଗୋପବନ୍ଧୁ ବେହେରା, ଅନିଲ୍ ସାହୁ, ରବି ସାହୁ, କ୍ଷେତ୍ରବାସୀ ବିଶ୍ୱାଳ, ନାଏବ ସରପଞ୍ଚ ସବିତା ମଲ୍ଲିକ ପରିଚାଳନା କରିଥିଲେ। ପରିଶେଷରେ ଆମ ପଞ୍ଚାୟତ ଆମ ବିକାଶର ଅଧ୍ୟକ୍ଷ ରଞ୍ଜନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷରେ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଛି।

ଓଏଚ୍‌ପିସି ଇଣ୍ଟର ୟୁନିଟ୍ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ପୁରୁଷ ବିଭାଗରେ ବୁର୍ଲା ଓ ମହିଳା ବିଭାଗରେ ଚିପିଲିମା ଦଳ ଚାମ୍ପିଅନ

ରେଙ୍ଗାଳି,୧୩ା୧(ସମିସ):

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚପିସି ପ୍ରଶାସନିକ ଭବନ ପରିସରରେ ରାଜ୍ୟସ୍ତରୀୟ ଇଣ୍ଟର ୟୁନିଟ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ୭ ଟି ପ୍ରକଳ୍ପର ମହିଳା ଓ ପୁରୁଷ ଖେଳାଳି ଯୋଡିଙ୍କୁ ନେଇ ୪ଦିନ ଧରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳା ବିଭାଗରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ଚିପିଲିମା ଓ ବୁର୍ଲା ଦଳ ମଧ୍ୟରେ ହୋଇଥିଲା। ଚିପିଲିମାର ନିର୍ମଳା ସମଦ, ସୁଶ୍ରୀ ସୁନିତା ମୁଣ୍ଡାଙ୍କ ଯୋଡି ବୁର୍ଲାର ଜ୍ୟୋତି ଟପୋ, ରୀତା ଭୋଇଙ୍କ ଯୋଡ଼ିଙ୍କୁ (୨୨-୨୦,୧୩-୨୧,୨୧-୧୨) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସେହିପରି ପୁରୁଷ ବିଭାଗରେ ବୁର୍ଲାର ସନ୍ଦିପ ପ୍ରଧାନ, ଦେବାଶିଷ ମିଶ୍ରଙ୍କ ଯୋଡି ବାଲିମେଳାର ଦିନବନ୍ଧୁ ମଲିକ, ତାପସ ଅଧିକାରୀଙ୍କ ଯୋଡିକୁ (୨୧-୧୮ ,୧୪-୨୧,୨୨-୨୦) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନବ ସମ୍ବଳ ବିଭାଗ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ଜେନା ଯୋଗଦେଇ ଉଭୟ ପୁରୁଷ ଓ ମହିଳା ଶ୍ରେଷ୍ଠ ଯୋଡ଼ିଙ୍କୁ ଚାମ୍ପିଅନ୍ସ ଟ୍ରଫି ପ୍ରଦାନ କରିଥିଲେ। ରେଙ୍ଗାଳି ୟୁନିଟର ବରିଷ୍ଠ ସାଧାରଣ ପରିଚାଳକ ରଞ୍ଜନ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାଧାରଣ ପରିଚାଳକ ସରୋଜ କୁମାର ବହିଦାର, ପବିତ୍ର ମୋହନ ସ୍ମାରକୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ଦିହୁଡ଼ି ପ୍ରମୁଖ ଯୋଗ ଦେଇଥିଲେ। ଉପ ସାଧାରଣ ପରିଚାଳକ ସୁବ୍ରତ ଷଡଙ୍ଗୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିଲୀପ କିଷାନ ଓ ବାରାଥନ ଏକ୍କା ମ୍ୟାଚ ପରିଚାଳନା କରିଥିବା ବେଳେ ଗୋପିନାଥ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ବିଷ୍ଣୁ ଚରଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇଂ . ସାଗରିକା ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ପବିତ୍ର ମୋହନ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମାନବ ସମ୍ବଳ ଅଧିକାରିଣୀ ନିଳୀମା ଦେବନାଥ, ମନୋଜ ମହାନ୍ତି, ଏଜିଏମ ପ୍ରଦୀପ ପ୍ରଧାନଙ୍କ ସମେତ ସମସ୍ତ ଅଫିସର, ଯନ୍ତ୍ରୀ, କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ରୌପ୍ୟଜୟନ୍ତୀ ପୁସ୍ତକ ମେଳା ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ଆହ୍ୱାନ

ଜଗତସିଂହପୁର,୧୩।୧(ସମିସ): ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳା ଏଥର ତାର ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରିବାକୁ ଯାଉଛି। ଜାନୁୟାରୀ ୧୫ରୁ ୨୧ ପର୍ଯ୍ୟନ୍ତ ହେଉଥିବା ଏହି ସମାରୋହ ପରିପ୍ରେକ୍ଷୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଅଧ୍ୟକ୍ଷତା କରିଥିବା ବେଳେ ସ୍ମୃତି ପତ୍ରର ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଗଣେଶ୍ୱର ମାଣିଆ, ସଂପାଦକ ଶାରଦା ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି, ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସହିତ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ପୁସ୍ତକ ମେଳାର କାର୍ଯ୍ୟକ୍ରମ ଅନୁସାରେ, ଆସନ୍ତା ୧୫ ତାରିଖ ପ୍ରତ୍ୟୁଷରୁ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠରୁ ଜ୍ୟୋତି ଓ ଆଜ୍ଞାମାଳ ଆସିବା ପରେ ଅପରାହ୍ନରେ ପୁସ୍ତକ ମେଳା ଉଦଘାଟନ ହେବ। ଏଥର ପୁସ୍ତକ ମେଳା ପାଇଁ ୭୧ଟି ପୁସ୍ତକ ଷ୍ଟଲ୍, ୩୬ଟି ଅନ୍ୟାନ୍ୟ ବ୍ୟବସାୟିକ ଷ୍ଟଲ୍ ବ୍ୟବସ୍ଥା ହୋଇଥିବାସ୍ଥଳେ ପ୍ରଥମଥର ପାଇଁ ଏକ ରିଡିଂ ଜୋନ୍ ମଧ୍ୟ ରଖାଯାଇଛି। ଏହାସହିତ ୧୦ଟି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଷ୍ଟଲ୍ ମଧ୍ୟ ରହିବ। ପୁସ୍ତକ ମେଳା ମଞ୍ଚରେ ପ୍ରତ୍ୟହ ସନ୍ଧ୍ୟାରେ ସଭାର ଆୟୋଜନ କରାଯାଇଛି। ଏହି ସଭାରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱମାନେ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ସହିତ ପ୍ରତ୍ୟେକ ଅପରାହ୍ନ ଓ ସନ୍ଧ୍ୟାରେ ଜିଲ୍ଲାର ଓ ଜିଲ୍ଲା ବାହାରର ସାଂସ୍କୃତିକ ଅନୁଷ୍ଠାନ ତଥା ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବାକୁ ସ୍ଥିର କରାଯାଇଛି।



ପ୍ରତିଦିନ ପୂର୍ବାହ୍ନ ୧୦ଟା ସମୟରେ କବିତା ପାଠୋତ୍ସବ ସହିତ ଅପରାହ୍ନ ୩ଟାରେ କୁଇଜ୍ କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଛି। ବିଭିନ୍ନ ସଂଧ୍ୟାରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କ ନାମରେ ଆସର ଉତ୍ସର୍ଗ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ଅବସରରେ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ପୁସ୍ତକମେଳାର ରୌପ୍ୟ ଜୟନ୍ତୀ ସମାରୋହକୁ ସଫଳ କରିବାକୁ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ। ପରିଶେଷରେ ଯୁଗ୍ମ ସମ୍ପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର କାର୍ଯ୍ୟକର୍ତ୍ତା ଡ. କୈଳାସ ଚନ୍ଦ୍ର ମଲ୍ଲିକ, ପ୍ରଦୀପ୍ତ କିଶୋର ଚୌଧୁରୀ, ଭଗବାନ ଦାଶ, ମାନସ୍ କାନୁନଗୋ, ଦୁର୍ଯ୍ୟୋଧନ ମହାରଣା, ସୁଷମା ପ୍ରଧାନ, ପ୍ରଜ୍ଞା ପାରମିତା ଚୌଧୁରୀ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ମନୋଜ୍ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ବୁଲିଲା 'ଅର୍ପଣ ରଥ'



ଏରସମା,୧୩।୧(ସମିସ): ଏରସମା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ପୋଖରିଆପଡ଼ା ପଞ୍ଚାୟତରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ସରପଞ୍ଚ ଗଦାଧର ମଲ୍ଲିକ, ସମିତି ସଭ୍ୟା ସ୍ୱର୍ଣ୍ଣଲତା ସେନାପତି, ବିଜେଡ଼ି ନେତା ମହେନ୍ଦ୍ର ସେନାପତି, ପିଇଓ ପବିତ୍ର ମୋହନ ସ୍ୱାଇଁ, ଏମବିକେ କାଦମ୍ବିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ଶୋଭାଯାତ୍ରାରେ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ସେହିପରି ଆମ୍ବିକି ପଞ୍ଚାୟତରେ ଅର୍ପଣ ରଥକୁ ଜନସାଧାରଣ ଗଭୀର ଆବେଗ ମଧ୍ୟରେ ପାଛୋଟି ନେଇଥିଲେ।

## ମତଗଜପୁରରେ ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



ତିର୍ତ୍ତୋଲ,୧୩।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳ ପଞ୍ଚାୟତର ମତ୍ତଗଜପୁର ସତସଙ୍ଗ ବିହାରଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ ତମ ଶୁଭ ଜନ୍ମ ମହୋତ୍ସବ ଓ ଉନବିଂଶ ତମ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉଦ୍‌ବୋଧନ ସ୍ମୃତି ମହୋତ୍ସବ ଆସନ୍ତା ୨୧ ତାରିଖରେ ମହାସମାରୋହ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟି ତରଫରୁ ଆଜି ଆହୂତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ମତ୍ତଗଜପୁର ସତସଙ୍ଗ ବିହାରର ସଭାପତି ସହପ୍ରତିରିତିକ ଡା. ନରେନ୍ଦ୍ରନାଥ ସ୍ୱାଇଁ, ସମ୍ପାଦକ ରତ୍ନାକର ନାୟକ, କୋଷାଧ୍ୟକ୍ଷ ବାନାମ୍ବର ପୃଷ୍ଟି, ନିଶିଥନାଥ ସ୍ୱାଇଁ, ନିର୍ମଳ କୁମାର ଜେନା(ଯାଜକ), ମହୋତ୍ସବ କମିଟି ସଭାପତି ନାନୁଚରଣ ରାଉତ, ଡା.ଲିଙ୍ଗରାଜ ରଣା, ଇଂ ବେଦଦ୍ୟୁତି ପୃଷ୍ଟି, ଅର୍କଜ୍ୟୋତି ପାଣି ଓ ସୁରେନ୍ଦ୍ରନାଥ ପୃଷ୍ଟି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖି ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୁଲ ଚନ୍ଦ୍ରଙ୍କ ସତସଙ୍ଗ ଏକ ମଣିଷ ତିଆରି କାରଖାନା ବୋଲି କହିଥିଲେ। ମହୋତ୍ସବର ପୂର୍ବଦିନ ୨୦ ତାରିଖରେ ସ୍ଥାନୀୟ ଆଖପାଖ ଅଞ୍ଚଳର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ଭଜନ ଓ ଦେଶାତ୍ମକବୋଧକ ସଂଗୀତ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗିଙ୍କୁ ୨୧ ତାରିଖ ମହୋତ୍ସବରେ ପୁରସ୍କାର ବିତରଣ କରାଯିବ।

## ବୋରିକିନାରେ ବିବେକାନନ୍ଦ ଜୟନ୍ତୀ



ବାଲିକୁଦା,୧୩।୧(ସମିସ): ବାଲିକୁଦା ବ୍ଲକ ଯାଦବ ମହାସଭା ଓ ଯୁବ ଯାଦବ ମହାସଭା ତରଫରୁ ବୋରିକିନା ଠାରେ ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ତରଫରୁ ଶତାବ୍ଦୀ ସମାରୋହ ରାଷ୍ଟ୍ରୀୟ ଯୁବଦିବସ ସମଗ୍ର ଭାରତ ବର୍ଷରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ସମଗ୍ର ଭାରତ ବର୍ଷରେ ରାଷ୍ଟ୍ରୀୟ ଯୁବ ଦିବସ ଭାବରେ ପାଳିତ କରାଯାଇଥିବା ବେଳେ ଏହି ପରିପ୍ରେକ୍ଷୀରେ ବାଲିକୁଦା ବ୍ଲକ ଯାଦବ ମହାସଭା ଓ ଯୁବ ଯାଦବ ମହାସଭା ତରଫରୁ ବୋରିକିନା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଆଜିର ଯୁବ ସମାଜ ଅନୁପ୍ରାଣିତ ହେବା ପାଇଁ ମତବ୍ୟକ୍ତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲିକୁଦା ବ୍ଲକ ୩ନଂ ଜୋନ୍ ଜିଲାପରିଷଦ ସଭ୍ୟା ରୁନିଲତା ବେହେରା, ସମିତି ସଭ୍ୟ ସମରେନ୍ ରାୟ, ସରପଞ୍ଚ ସାଗରିକା ପରିଡ଼ା, ପ୍ରଧାନଶିକ୍ଷକ ବିଜୟ କୁମାର ମଲ୍ଲିକ, ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ନରେଶ ଚନ୍ଦ୍ର ଦାସ, ସୁଶାନ୍ତ କୁମାର ଦାସ, ବିଚିତ୍ର ରଞ୍ଜନ ସାହୁ, କେଦାର ପାତ୍ର, ଗଗନ କୁମାର ରାଉତ, ଦୀପକ ବିଶ୍ୱାଳ, ସୁକାନ୍ତ କୁମାର ବେହେରା ପ୍ରମୁଖଙ୍କ ସହିତ ବାଲିକୁଦା ବ୍ଲକ ଯାଦବ ମହାସଭାର ସମସ୍ତ କର୍ମକର୍ତ୍ତା ଯୋଗ ଦେଇ ବିବେକାନନ୍ଦଙ୍କ ମାନବଜାତି ପାଇଁ ବାର୍ତ୍ତା ବର୍ତ୍ତମାନ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହେଉ ବୋଲି କହିଥିଲେ।

# ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

ଏରସମା,୧୩।୧(ସମିସ): ଏରସମା ବ୍ଲକର ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଜପା ସେବା ସମବାୟ ସମିତିରେ ସମିତିର ସଭାପତି ବିଘ୍ନରାଜ ଖୁଣ୍ଟିଆ, ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଛାୟତ,



ସରପଞ୍ଚ ବିଦୁଲତା ରାଉତ, ସମିତି ସଭ୍ୟ ସୁନୀଲ ଗଛାୟତ, ସମ୍ପାଦକ ସୂର୍ଯ୍ୟକାନ୍ତ ଲେଙ୍କା ପ୍ରମୁଖ ଉଦଘାଟନ ଉତ୍ସବରେ ଉପସ୍ଥିତ ଥିଲେ। ସେହିପରି ଭିତର ଅନ୍ଧାରୀ ସେବା ସମବାୟ ସମିତିରେ ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଛାୟତ, ସିସିବି ମ୍ୟାନେଜର ଦୀନବନ୍ଧୁ ନାୟକ, ସମିତି ସଭାପତି ତାପସ ଲେଙ୍କା, ଦେବୀ ପ୍ରସାଦ ପ୍ରଧାନ, ଧୀରେନ୍ଦ୍ର ପାଲ, ଶୁଭନାରାୟଣ ସ୍ୱାଇଁ, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ରଙ୍କ ସହିତ ଚାଷୀ ହିରଣ୍ୟ ପ୍ରଧାନ, ଧୀରେନ୍ଦ୍ର ସାମଲ, ଆଦିକନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ବିରିଡି:** ବିରିଡି ବ୍ଲକ ଅଲାଣ୍ଡୋ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସମିତିର ସଭାପତି ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ଅଧକ୍ଷତାରେ ଏବଂ ଭାରାପ୍ରାପ୍ତ ସମ୍ପାଦକ କେଶବ ଚରଣ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଉଦଘାଟନ ଉତ୍ସବରେ ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ରବିନାରୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବଡ଼ଖଣ୍ଡାୟତା ସରପଞ୍ଚ ବେବିନା ମଲ୍ଲିକ, ଅଲାଣ୍ଡୋ ସମିତି ସଭ୍ୟ ରାଜେଶ ଭୋଇ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଡାଇରେକ୍ଟର ରାଜକିଶୋର ଜେନା, ରଶ୍ମିରଂଜନ ପରିଜା, ସମୀର ଖୁଣ୍ଟିଆ, ବିଧାନ ଚନ୍ଦ୍ର ଜେନା, ପୂର୍ଣଚନ୍ଦ୍ର ଜେନା, ଗାଲେଖ ସାହୁ, ଲୋକନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମବାୟ ସମିତିରୁ ନାରାୟଣ ରାଇସ ମିଲ, ଆରକେ ରାଇସ ମିଲ, ଅମ୍ବିକା ରାଇସ ମିଲ, କଳିଙ୍ଗ



କମର୍ସିଆଲ ମିଲ ସମ୍ବଲପୁର ଧାନ ସଂଗ୍ରହ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ଡିଇଓ ସଞ୍ଜୟ ଶେଖର କର ଓ ସୂର୍ଯ୍ୟମଣି ଦାସ ସହାୟତା କରିଥିଲେ।

**ବିରିଡି:** ଶୁକ୍ରବାର ଦିନ ବିରିଡି ବ୍ଲକ ୨୨ମୌଜା ମଙ୍ଗୁଲି ଓ ପୂରଣ ପ୍ରାଥମିକ



କୃଷିସମବାୟ ସମିତି ରେ ପ୍ରଥମକରି ଚଳିତ ବର୍ଷ ଚାଷୀଙ୍କ ଅମଳ ଖରିପ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାଯାଇଛି। ଆଜିଠାରୁ ଚାଷୀ ନିଜର ଧାନ ବିକ୍ରୟ କରିପାରିବେ। ମଙ୍ଗୁଲି ସମବାୟ ସମିତିର ସମ୍ପାଦକ ବିଜୟ ପ୍ରସନ୍ନ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ରବୀନ୍ଦ୍ର କୁମାର ସାହୁ କର୍ତ୍ତାଭାବେ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ ଅତିଥିଭାବେ ବ୍ଲକ ଚେୟାରମ୍ୟାନ ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ସରପଞ୍ଚ ନିରଞ୍ଜନ ସେଠି ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ସେହିପରି ପୂରଣ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ରାଧାବଲ୍ଲଭ ବେହେରାଙ୍କ ପରିଚାଳନାରେ ଆୟୋଜିତ ଧାନମଣ୍ଡି ଉଦଘାଟନ ଉତ୍ସବରେ ସମିତିର ସଭାପତି ନନ୍ଦକିଶୋର ବସ୍ତିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ସମିତିର ଉପସଭାପତି ଭାରତୀ ଦାସ, ପରିଚାଳନା ସଭ୍ୟ ସୁଦର୍ଶନ ବେହେରା, ରତିକାନ୍ତ ପାଲ, କିରଣକାନ୍ତି ପଟ୍ଟନାୟକ, ମିହିର ପଟ୍ଟନାୟକ, ସୁକାନ୍ତ ବାରିକ, ପୂର୍ଣ୍ଣ ମଲ୍ଲିକ, ଚକ୍ରଧର ପାଣି, ରମା ରମାଣ ବେହେରା, ପ୍ରଶାନ୍ତ ବାହାଲିଆ, ପ୍ରମୁଖ ସାମିଲ ହୋଇଥିଲେ। ଦୁଇ ସମିତିରୁ ୪ଟି ଲେଖାଁ ମିଲର ଧାନ ଉଠାଇବାକୁ ଦିଆଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିବେକାନନ୍ଦ ଜୟନ୍ତୀ

ବାଲିକୁଦା,୧୩।୧(ସମିସ): ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୫୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିର ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ ମା' ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ, ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସସ୍ମିନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ପ୍ରମିଳା ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱାମୀଜୀଙ୍କ ମୂଲ୍ୟବାନ ଜୀବନୀ ଉପରେ ମାର୍ଗ ଦର୍ଶନ କରିଥିଲେ। ସହ ସଂପାଦକ ଶ୍ରୀଯୁକ୍ତ ଶରତ କୁମାର ଲେଙ୍କା , କୋଷାଧ୍ୟକ୍ଷ ଅଧ୍ୟାପକ ସୁରେଶ ଚନ୍ଦ୍ର ଦାସ, ସଦସ୍ୟ ରାମ ଚନ୍ଦ୍ର ସାହୁ, ସଦସ୍ୟା କଳ୍ପନା ମଲ୍ଲିକ ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କୁ ସ୍ୱାମୀଜୀଙ୍କ ଜୀବନୀ ପୁସ୍ତକ ଉପରେ ମାର୍ଗଦର୍ଶନ କରିଥିଲେ।

## ଅଢଙ୍ଗମଜୁରାଇ ପଞ୍ଚାୟତରେ ବୁଲିଲା ଅର୍ପଣ ରଥ

ବିରିଡି,୧୩।୧(ସମିସ): ବିରିଡି ବ୍ଲକ ଅଢଙ୍ଗମଜୁରାଇ ଗ୍ରାମପଞ୍ଚାୟତରେ ଆଜି ଜୟଜଗନ୍ନାଥ ରଥ ପରିକ୍ରମା କରିବା ସହ ପ୍ରତ୍ୟେକଙ୍କ ଘରୁ ଅରୁଆଚାଉଳ ଓ ଗୁଆ ସଂଗ୍ରହ କରିଛି। ସରପଞ୍ଚପରୱେଜଅହେମଦଓସମିତିସଭ୍ୟସମ୍ପୂର୍ଣ୍ଣାନନ୍ଦମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଚେୟାରମ୍ୟାନ ମମତା ପାତ୍ର, ଜିଲ୍ଲା ସଭାପତି ରବିନାରୟଣ ଜେନା, ଯୁବ ସଂଗଠକ ଦେବୀପ୍ରସାଦ ତ୍ରିପାଠୀ, ପ୍ରଦୀପ୍ତ ଭୂୟାଁ, ପ୍ରଶାନ୍ତ କୁମାର ହୋତା, ଜିଲ୍ଲାରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦିପ୍ତିମୟୀ ରାୟ, ଉପାଧ୍ୟାକ୍ଷା ପିନାକୀ ପ୍ରୀୟଦର୍ଶନୀ, ବିଡ଼ିଓ ଡ଼ ବେବିତା ମଞ୍ଜରୀ ନାୟକ, ପିଇଓ କମଲେଶ ପାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ରଥ ପଞ୍ଚାୟତର ପଦାସାହିସ୍ଥିତି ମା 'କ୍ଷେତ୍ର ପାଳଙ୍କ ନିକଟରୁ ପୂଜାର୍ଚ୍ଚନା ପରେ ବାହାରିଥିଲା।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ରଘୁନାଥପୁର,୧୩।୧(ସମିସ): ରଘୁନାଥପୁର ବ୍ଲକର କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଅରୁପାନନ୍ଦ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଦ୍ୟାଳୟରେ ଆଜି ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଶିକ୍ଷା ସହିତ କ୍ରୀଡା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ସେମାନଙ୍କ ପ୍ରତିଭାକୁ ବିକଶିତ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍‌କାୟିତ ପ୍ରତିଭାକୁ ବିକଶିତ କରିବାକୁ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ରଘୁନାଥପୁର ବ୍ଲକ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଯୋଗଦେଇ ମୋବାଇଲ ବ୍ୟବହାରରେ ଦୁରୁପଯୋଗ ନକରି ପାଠପଢ଼ା ସମ୍ବନ୍ଧୀୟ କାର୍ଯ୍ୟରେ ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା , ଜିଲ୍ଲାପରିଷଦ




ସଦସ୍ୟା ରୀନାରାଣୀ ମଲ୍ଲିକ , ଗୁଆଳିପୁର ସରପଞ୍ଚ ମନୋଜିନୀ ସାହୁ , ସମିତିସଭ୍ୟ କମଳାକାନ୍ତ ପରିଡ଼ା, ତାରପୁର ସମିତିସଭ୍ୟା ପୂଜାଲତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ପୌରୋହିତ୍ୟ କରିଥିବା ବେଳେ ଅଧ୍ୟାପକ ଅଭୟ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟକୁ ବିଧାୟକ ପାଣ୍ଠିରୁ ଯୋଗାଇଦିଆଯାଇଥିବା ଏକ ଶ୍ରେଣୀ ଗୃହକୁ ବିଧାୟକ ଉଦ୍‌ଘାଟନ କରିବା ସହ ମହାବିଦ୍ୟାଳୟର ପ୍ରବେଶ ପଥରେ ମୁଖ୍ୟ ତୋରଣ ଓ ଖେଳ ପଡ଼ିଆରେ ହାଇମାଷ୍ଟ ଲାଇଟ୍ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବାଲିକୁଦା କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ




ବାଲିକୁଦା,୧୩।୧(ସମିସ): ବାଲିକୁଦା କଲେଜ ପରିସରରେ କଲେଜ ଅଧ୍ୟକ୍ଷ କୃଷ୍ଣ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାପକ ଆର୍ତ୍ତବନ୍ଧୁ ସ୍ୱାଇଁ ଅତିଥି ମାନଙ୍କ ପରିଚୟ ପ୍ରଦାନ ସମେତ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଓଡିଶା ପର୍ଯ୍ୟଟନ ନିଗମ ଅଧ୍ୟକ୍ଷ ଲେଲିନ ମହାନ୍ତି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅନିତା ଦାସ ଫାଉଣ୍ଡେସନ ପ୍ରତିଷ୍ଠାତା ଆଦିତ୍ୟ ନନ୍ଦନ ଦାସ, ଉପଦେଷ୍ଟା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାର ଶିଶିର କୁମାର ପରିଜା, ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ରୁନିଲତା ବେହେରା, ଡଲି ପଣ୍ଡା, ଜଟାଧାରୀ ଦାସ, କଲେଜ କମିଟି ସଭାପତି ନିରଞ୍ଜନ ନାୟକ, ପରିଚାଳନା ସମିତି ସଦସ୍ୟ ଆଇନଜୀବୀ ଅଜୟ କୁମାର ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଅଧ୍ୟାପକ ଭରତ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତ୍ତରଣୀ କାର୍ଯ୍ୟକ୍ରମରେ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ଟ୍ରଫି ସମେତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

### ଏସଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

# ବିବେକାନନ୍ଦ ଜୟନ୍ତୀ ଓ 'ନୂଆ-ଓ' ଉଦ୍‌ଯାପିତ

ଜଗତସିଂହପୁର,୧୩।୧(ସମିସ): ଏସଭିଏମ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିବେକାନନ୍ଦଙ୍କ ୧୬୧ ତମ ଜୟନ୍ତୀ ଓ 'ନୂଆ-ଓ' ଯୁବ ଓଡିଶା ନବୀନ ଓଡିଶାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା, ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ,



ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଓ ମୁଖ୍ୟବକ୍ତା ଭବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇଥିଲେ। କଲେଜର ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିଜୟକୁମାର ବିଶ୍ୱାଳ ଓ ଉଚ୍ଚ ମାଧ୍ୟମିକ ଶାଖାର ନୋଡାଲ ଅଫିସର ଓ ଡିଗ୍ରୀ ଶଖାର ନୋଡାଲ ଅଫିସର ଜ୍ୟୋତି ରଞ୍ଜନ ସାମଲ ଉପସ୍ଥିତ ଥିଲେ। ସଭାରେ ସମସ୍ତ ଅତିଥି ଛାତ୍ରଛାତ୍ରୀମାନଙ୍କୁ ବିବେକାନନ୍ଦଙ୍କ ଅଦର୍ଶ ଓ ବିଚାର ଧାରାରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ। ସେହିପରି ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପ୍ରତିଭାର ଅନ୍ୱେଷଣ ପାଇଁ ସରକାରଙ୍କୁ ସମସ୍ତ ଅତିଥି ପ୍ରଶଂସା କରିଥିଲେ। କଲେଜ ଅଧ୍ୟକ୍ଷ ଶ୍ରୀ ପାତ୍ର କଲେଜରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନେ ଉଚ୍ଚମାଧ୍ୟମିକ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସଭାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ସକାଳେ କଲେଜର ଅଧ୍ୟକ୍ଷ ଶ୍ରୀ ପାତ୍ରଙ୍କ ଦ୍ୱାରା କଲେଜ ପରିସରସ୍ଥ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।










# ପ୍ରତୀକ୍ଷାରେ ପରିକ୍ରମା

ଆଉମାତ୍ର ତିନିଦିନ ପରେ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ବିଶ୍ୱବାସୀ ଦେଖିବେ କେମିତି ନୂଆରୂପ ପାଇଛି ବଡ଼ଦେଉଳ ଚୌହଦୀ । ତା' ସହିତ ବିକଶିତ ବିକଶିତ ଶ୍ରୀକ୍ଷେତ୍ରର ନୂଆରୂପର ଅନୁଭୂତି ପାଇବେ । ଇତିମଧ୍ୟରେ ଲୋକାର୍ପଣ ଉତ୍ସବର ଆଦ୍ୟପର୍ବ ଯଜ୍ଞକର୍ମର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଆସନ୍ତା ୧୭ ତାରିଖରେ ପୂର୍ଣ୍ଣାହୁତି ସାଙ୍ଗକୁ ପ୍ରକଳ୍ପକୁ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଥିପାଇଁ ଭବ୍ୟ ଆୟୋଜନା କରାଯାଇଥିବା ବେଳେ ନବବଧୂଟିଏ ଭଳି ସଜେଇ ହୋଇଛି ଶ୍ରୀକ୍ଷେତ୍ର ପୁରୀ । ସହରର ପ୍ରବେଶ ପଥଠୁ ଆରମ୍ଭ କରି ସାହିଗଳିରେ ଲୋକାର୍ପଣ ଉତ୍ସବର ଛିଟା ଦେଖିବାକୁ ମିଳୁଛି । ବଡ଼ଦାଣ୍ଡରୁ ବେଳାଭୂମି ପୁଣି ସିଂହଦ୍ୱାରରୁ ଶରଧାବାଲି ସବୁ କିଛି ଲାଗୁଛି ନୂଆ ନୂଆ । ବଡ଼ଦାଣ୍ଡରେ ଏକରଙ୍ଗୀ କୋଠା, ଆଖି ଝଲସାଇବା ଦେବାଭଳି ଆଲୋକୀକରଣ, ରାସ୍ତାଘାଟ, କାନ୍ଥ ଓ ପ୍ରାଚୀରରେ ଜୀବନ୍ତ ଲାଗୁଥିବା ଚିତ୍ର ସତେଯେମିତି ସମସ୍ତଙ୍କୁ ସ୍ୱାଗତ କରିବା ଲାଗି ଚାହିଁରହିଛନ୍ତି । ଶ୍ରୀକ୍ଷେତ୍ରର ପ୍ରତି ରାସ୍ତାକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଭଳକି ଭଳି ରଙ୍ଗରେ ଆଖି ମିଟିବା ମାରୁଥିବା ଲାଇଟ୍ ଭିନ୍ନ ଆକର୍ଷଣ ସୃଷ୍ଟି କରୁଛି । ସଞ୍ଜ ନଇଁଲେ ଗଛପତ୍ର ରଙ୍ଗୀନ ଆଲୋକମାଳାରେ ଝଲସିଉଠୁଛି । ଗଛରେ ଚାନ୍ଦୁଆ ଲାଇଟ୍ ସାଙ୍ଗକୁ ରଙ୍ଗବେରଙ୍ଗର ଲିଚୁ ଖଞ୍ଜି ଦିଆଯାଇଛି । ରାତି ଏଠି ଲାଗୁଛି ଦିନଭଳି ।



## ପ୍ରବେଶ - ପ୍ରସ୍ଥାନର ସୁଗମ ବ୍ୟବସ୍ଥା

ମହାପ୍ରଭୁଙ୍କ ଦର୍ଶନ ଏବଂ ପରିକ୍ରମା ପ୍ରକଳ୍ପ ବୁଲିବା ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି ସୁବିଧାରେ ପୁରୀରେ ପହଞ୍ଚିବେ ଏବଂ ଗାଡ଼ି ପାର୍କିଂ କରିପାରିବେ ସେଥିଲାଗି ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ୧୨ରୁ ୧୭ ତାରିଖ ମଧ୍ୟରେ ଦୁଇ ପର୍ଯ୍ୟାୟ ଟ୍ରାଫିକ ଏବଂ ପାର୍କିଂ ବ୍ୟବସ୍ଥା ହୋଇଛି । ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବଭଳି ପୁରୀକୁ ଯେଉଁଭଳି ଗାଡ଼ି ଚଳାଚଳ କରୁଥିଲା ତାହା ସ୍ୱାଭାବିକ ରହିବ । ଅର୍ଥାତ୍ ଭୁବନେଶ୍ୱର, ବ୍ରହ୍ମଗିରି ଏବଂ କୋଣାର୍କ ପଟୁ ଆସୁଥିବା ଚାରିଚକିଆ ଗାଡ଼ିଗୁଡ଼ିକ ଜଗନ୍ନାଥବଲ୍ଲଭ ପରିସର ପୁରୁଣା ପାର୍କିଂରେ ଗାଡ଼ି ରଖିବେ । ପୂର୍ବଭଳି ସେମାନେ ଯେଉଁ ରୁଟ୍‌ରେ ଆସୁଥିଲେ ସେହି ରୁଟ୍‌ରେ ଆସିବେ । ଜଗନ୍ନାଥ ବଲ୍ଲଭ ପରିସର ପାର୍କିଂ ଫୁଲ୍ ହୋଇଗଲେ ଜେଲ୍‌ରୋଡ ବହୁତଳ ପାର୍କିଂରେ ଗାଡି ରଖିବେ । ଗତ ଡିସେମ୍ବର ୧ ତାରିଖରେ ଖୋଲାଯାଇଥିବା ଏହି ପାର୍କିଂରେ ବେସ୍‌ମେଣ୍ଟ ଓ ତଳମହଲାକୁ ମିଶାଇ ୪ ମହଲା କୋଠା ନିର୍ମାଣ ହୋଇଛି । ଏଠାରେ ଏକକାଳୀନ ୫୦୦ କାର୍ ଓ ୫୦୦ ଦୁଇଚକିଆ ଯାନ ପାର୍କିଂ କରିପାରିବ । ସେଠାରେ ଯଦି ଗାଡ଼ି ଫୁଲ୍ ହୋଇଯାଏ ତେବେ ମେଡିକାଲ ଛକରୁ ଗାଡିଗୁଡ଼ିକ ଶରଧାବାଲିକୁ ଡାଇଭର୍ଟ କରାଯିବ । ଶରଧାବାଲି ଯଦି ଫୁଲ୍ ହୋଇଯାଏ ତେବେ ପୂର୍ବଭଳି ଭୁବନେଶ୍ୱର ପଟୁ ଗାଡ଼ିଗୁଡ଼ିକ ବୀରହରେକୃଷ୍ଣପୁର ଛକଠାରୁ ମଙ୍ଗଳାଘାଟ ବାଇପାସ୍ ଆଡକୁ ଡାଇଭର୍ଟ କରାଯିବ । ଏହି ଗାଡ଼ିଗୁଡ଼ିକ ବାଇପାସ୍ ରାସ୍ତା ଦେଇ ସମୁଦ୍ରକୂଳସ୍ଥିତ ଯାତ୍ରିକାରେ ପାର୍କିଂ କରିବେ । ଏଠାରେ ୧୦୦ଟି ଚାରିଚକିଆ ଏବଂ ୫୦୦ ଦୁଇଚକିଆ ରହିବାର କ୍ଷମତା ରହିଛି । ଏହାବ୍ୟତୀତ ମେଡିକାଲ ଛକଠାରୁ ଗ୍ରାଣ୍ଡ ସେଣ୍ଟର ପର୍ଯ୍ୟନ୍ତ ରାସ୍ତାର ବାମପାର୍ଶ୍ୱରେ ଚିହ୍ନଟ ସ୍ଥାନ ମଧ୍ୟରେ ଦୁଇଚକିଆ ପାର୍କିଂ କରିହେବ । ତେବେ ୧୬ ଓ ୧୭ ତାରିଖ ଏହି ଦୁଇଦିନ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ରୁଟ୍‌ଚାର୍ଟ ଏବଂ ପାର୍କିଂ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ଟ୍ରାଫିକ ଡିଏସ୍‌ପି କିରଣ ହେମ୍ବ୍ରମ ।

ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୧୬ ତାରିଖରେ ଭକ୍ତଙ୍କ ପାଇଁ ଖୋଲାଯିବ ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍ ଶ୍ରୀସେତୁ । ସେହିପରି ବହୁ ପ୍ରତିକ୍ଷିତ ଜଗନ୍ନାଥ ବଲ୍ଲଭ ପିଲୀଗ୍ରୀମ ସେଣ୍ଟର (ଜେବିପିସି) ମଧ୍ୟ ଖୋଲାଯିବ । ପରିକ୍ରମା ପ୍ରକଳ୍ପ ପାଇଁ ନିମନ୍ତ୍ରିତ ବିଶିଷ୍ଟ ଅତିଥି ଏବଂ ଭକ୍ତମାନେ ଶ୍ରୀସେତୁ ଦେଇ ଜେବିପିସିରେ ପହଞ୍ଚିବେ । ସେଠାରେ ଗାଡ଼ି ପାର୍କ କରି ଶ୍ରୀମାର୍ଗ ଦେଇ ମନ୍ଦିର ନିକଟରେ ପହଞ୍ଚିବେ ।



## ଭକ୍ତଙ୍କ ପାଇଁ ସୁଲଭ ଧର୍ମଶାଳା

**୧୩୫ କୋଟିରେ ୪ ମହଲା ବିଶିଷ୍ଟ ୬ଟି ବ୍ଲକ୍**

ବଡ଼ଦାଣ୍ଡରେ ଶୀତ କାକରରେ ଖୋଲା ଆକାଶ ତଳେ କେହି ରାତି କାଟିବେ ନାହିଁ । ହୋଟେଲ ଓ ଲଜ୍‌ରେ ରହଣି ପାଇଁ ଚଡ଼ା ଦରର ଶିକାର ହେବାକୁ ପଡ଼ିବ ନାହିଁ । ଗରିବ ଭକ୍ତଙ୍କ ରହଣି ପାଇଁ ଶ୍ରୀକ୍ଷେତ୍ରରେ ଉପଲବ୍ଧ ହେବ ଶସ୍ତାରେ ଧର୍ମଶାଳା । ରାଜ୍ୟ ସରକାର ସାଧାରଣ ଗରିବ ତୀର୍ଥଯାତ୍ରୀଙ୍କୁ ଆତିଥେୟତା ଦେବା ପାଇଁ ନିର୍ମାଣ କରୁଛନ୍ତି ଶସ୍ତା ଧର୍ମଶାଳା । ମାତ୍ର ୨ଶହରୁ ୪ଶହ ଟଙ୍କା ଦେଇ ଭକ୍ତମାନେ ଶ୍ରୀକ୍ଷେତ୍ରରେ ଛାତ ତଳେ ରାତି ବିତାଇପାରିବେ । ବାସେଳି ସାହି ଥାନା ପଛପାର୍ଶ୍ୱରେ ୧୦ ଏକର ଜମିରେ ନିର୍ମିତ ହେଉଛି ଧର୍ମଶାଳା । ଏହା ମଧ୍ୟରେ ପ୍ରାୟ ୩ ହଜାର ତୀର୍ଥଯାତ୍ରୀ ତଥା ଭକ୍ତ ଏକକାଳୀନ ରହିବାର ସୁବିଧା ପାଇବେ । ଭକ୍ତଙ୍କୁ ଖାଦ୍ୟ ଯୋଗାଇଦେବା ପାଇଁ କ୍ୟାଣ୍ଟିନ୍‌ର ମଧ୍ୟ ବ୍ୟବସ୍ଥା ରହିବା ନେଇ ପରିକଳ୍ପନା କରାଯାଇଛି । ବିଶେଷକରି ଗରିବ ଓ ବରିଷ୍ଠ ନାଗରିକମାନେ ଯେପରି ପୁରୀରେ ରହିବାକୁ ଅର୍ଥର ବୋଝ ନମୁଣ୍ଡାନ୍ତି, ସେଥିପାଇଁ ସରକାର ଏହି ମହତ୍ ପ୍ରକଳ୍ପର ପରିକଳ୍ପନା କରିଛନ୍ତି ।

ସଂପ୍ରତି ହୋଟେଲ ଓ ଲଜ୍‌ରେ ରହିବା ଗରିବ ଭକ୍ତଙ୍କ ପକେଟକୁ ସୁହାଉ ନଥିବାରୁ ବହୁ ଗରିବ ତୀର୍ଥଯାତ୍ରୀ ଅଧିକାଂଶ ସମୟ ବଡ଼ଦାଣ୍ଡରେ ବିତାଇ ଦେଉଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ସରକାର ଅବଗତ ହେବା ପରେ ସାଧାରଣ ଗରିବ ତୀର୍ଥଯାତ୍ରୀଙ୍କ ପାଇଁ ଏକ ବୃହତ୍ ଧର୍ମଶାଳାର ପରିକଳ୍ପନା କରିଥିଲେ । ୨୦୨୨ ମସିହାରେ ଏହାର ପରିକଳ୍ପନା କରାଯାଇଥିଲା । ସେହି ବର୍ଷ ଜୁଲାଇରେ କ୍ୟାବିନେଟ୍ ଅନୁମୋଦନ ପରେ ଧର୍ମଶାଳା ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା । ଯୋଜନା ମୁତାବକ, ୪ ମହଲା ବିଶିଷ୍ଟ ହେବ ଏହି ଧର୍ମଶାଳା । ଏହା ମଧ୍ୟରେ ମୋଟ୍ ୬ଟି ବ୍ଲକ ରହିବ । ଦୂର ଦୂରାନ୍ତରରୁ ବହୁ ଗରିବ ତୀର୍ଥଯାତ୍ରୀ ପୁରୀ ଆସିବାକୁ ଅଗ୍ରାଧିକାର ଦେଉଥିବାରୁ ସେମାନେ କୌଣସି ଲଜ୍ କିମ୍ବା ହୋଟେଲରେ ରୁମ୍ ନନେଇ ଏହି ଧର୍ମାଶାଳାରେ ଶସ୍ତାରେ ରୁମ୍ ବୁକିଂ କରି ରାତି ବିତାଇପାରିବେ । ଭକ୍ତ ଓ ଭକ୍ତିର ସହର ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ଯେପରି କୌଣସି ଭକ୍ତ ରହଣି ଚିନ୍ତାରେ ନପଡ଼ିବେ, ସେନେଇ ଶସ୍ତା ଧର୍ମଶାଳା ନିର୍ମାଣ କରାଯାଉଛି । ୧୩୫.୬ କୋଟି ଟଙ୍କାରେ ନିର୍ମିତ ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୪ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସାଧାରଣ ଗରିବ ଭକ୍ତଟିଏ ରଥଯାତ୍ରା ଓ ଅନ୍ୟ ସମୟରେ ଶ୍ରୀକ୍ଷେତ୍ର ଆସିଲେ, ହୋଟେଲ୍ କିମ୍ବା ଲଜ୍ ଭଡ଼ା ସୂତ୍ରରେ ନେବା ସମ୍ଭବ ହୁଏ ନାହିଁ । ତେଣୁ ବଗଲା ଓ ଅନ୍ୟ ଧର୍ମଶାଳା ସମେତ ବିଭିନ୍ନ ମଠରେ ଭକ୍ତମାନେ ମୁଣ୍ଡ ଗୁଞ୍ଜୁଥିଲେ । ଧର୍ମଶାଳାରେ ମାତ୍ର ୧୦୦ ଟଙ୍କା ଦେଲେ ରାତିରେ ରହିବାର ବ୍ୟବସ୍ଥା ହୋଇଯାଉଥିଲା । ପୂରା ପରିବାର ଆସିଲେ ୨ଶହ ଟଙ୍କା ଦେଇ ଧର୍ମଶାଳାରେ ରହୁଥିଲେ । ବଗଲା ଧର୍ମଶାଳାରେ ପ୍ରାୟ ୨ଶହ ଭକ୍ତଙ୍କ ରହିବାର ବ୍ୟବସ୍ଥା ଥିଲା । ତେବେ ବଗଲା ଧର୍ମଶାଳା ଅନ୍ୟ ଏକ ମହତ୍ ଉଦ୍ଦେଶ୍ୟ ପାଇଁ ସମର୍ପିତ ହେବା ପରେ ଏବେ ପୁଣି କମ୍ ଦରରେ ଧର୍ମଶାଳା ବ୍ୟବସ୍ଥା ଯୋଗାଇ ଦେବାର ବନ୍ଦୋବସ୍ତ କରିବାକୁ ଯାଉଛନ୍ତି ସରକାର । ଓବିସିସିର ମହାପ୍ରବନ୍ଧକ ସୁନ୍ଦର ମାଧବ ପାଢ଼ୀ କହିଛନ୍ତି, ଅଗମେଣ୍ଟେସନ୍ ଅଫ୍ ବେସିକ୍ ଆମିନିଟିଜ ଆଣ୍ଡ ଡେଭଲପମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ ଆର୍କିଟେକ୍ଚର (ଅବଢ଼ା) ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଭକ୍ତ ଓ ବରିଷ୍ଠ ନାଗରିକଙ୍କୁ ଦୃଷ୍ଟିରେ ରଖି ଏହି ଧର୍ମଶାଳା ନିର୍ମାଣ ଆରମ୍ଭ ହୋଇଛି । ଶ୍ରୀଜୀ କୃପା ଲିମିଟେଡ୍ ଏହାର ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । ୨୦୨୦ ମସିହାରେ ଏହି ପ୍ରକଳ୍ପ ପାଇଁ ଜାଗା ଚିହ୍ନଟ ହୋଇଥିଲା । ୨୦୨୨ ମସିହା ଜୁଲାଇରେ ଏହି ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରି ମିଳିଥିଲା । ବାସେଳି ସାହିରେ ମହାପ୍ରଭୁଙ୍କ ଜମିରେ ଏହାର ନିର୍ମାଣ କାର୍ଯ୍ୟ କରାଯାଉଛି । ୬ଟି ବ୍ଲକରେ ଡର୍ମିଟାରି ବ୍ୟବସ୍ଥା ସହ ଲୋକଙ୍କୁ ୨ ଓ ୩ ଶଯ୍ୟା ବିଶିଷ୍ଟ ଧର୍ମଶାଳା କକ୍ଷ ଯୋଗାଇ ଦିଆଯିବ । ଏଠାରୁ ଶ୍ରୀମନ୍ଦିରକୁ ଭକ୍ତମାନେ ଯାତାୟାତ କରିବା ସୁଗମ ହେବ ।

## ହଜାରେରୁ ଊର୍ଦ୍ଧ୍ୱ ଅତିଥିଙ୍କୁ ନିମନ୍ତ୍ରଣ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିବେ ଅତିଥି । ତାଲିକାରେ ପ୍ରମୁଖ ଦେବପୀଠ ମୁଖ୍ୟ, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ସ୍ଥାନ ପାଇଥିବା ବେଳେ କିଏ କେବେ ଆସିବେ ତାହା ସୁନିଶ୍ଚିତ କରୁଛନ୍ତି । ଏହି ପ୍ରକ୍ରିୟା ଏବେ ବି ଜାରି ରହିଛି । ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରାୟ ୧ ହଜାର ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ କେତେଜଣ ନିର୍ଦ୍ଦିଷ୍ଟ ଭାବେ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବେ ତାହା ସ୍ପଷ୍ଟ ହୋଇନାହିଁ । ଯେଉଁମାନେ ଶ୍ରୀକ୍ଷେତ୍ର ଆସିବା ଲାଗି ପ୍ରଶାସନକୁ ସୁନିଶ୍ଚିତ କରାଉଛନ୍ତି ସେମାନଙ୍କ ରହଣି ପାଇଁ ବ୍ୟବସ୍ଥା ହେଉଛି ।

## ଅତିଥି ତାଲିକାରେ ରହିଛନ୍ତି ସମସ୍ତ ସାଂସଦ, ବିଧାୟକ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅତିଥି ତାଲିକାରେ ସାମିଲ ଅଛନ୍ତି ରାଜ୍ୟର ସମସ୍ତ ସାଂସଦ ଏବଂ ବିଧାୟକ । ଏ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ତାଲିକା ଅନୁସାରେ ସମସ୍ତଙ୍କୁ ନିମନ୍ତ୍ରଣପତ୍ର ଦିଆସରିଛି । ଅତିଥିମାନଙ୍କ ରହିବା ଖାଇବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ପ୍ରାୟ ୯୦୦ରୁ ଅଧିକ ଅତିଥିଙ୍କୁ ନିମନ୍ତ୍ରଣପତ୍ର ଦିଆଯାଇଛି । ସେମାନଙ୍କ ମଧ୍ୟରେ ଶ୍ରୀମନ୍ଦିରର ପ୍ରମୁଖ ସେବାୟତ, ସାଧୁସନ୍ଥ, ପୁରୀ ସହରର ବିଭିନ୍ନ ମନ୍ଦିର ଏବଂ ରାଜ୍ୟର ପ୍ରମୁଖ ମନ୍ଦିରର ପ୍ରତିନିଧି, ରାଜ୍ୟ ବାହାର ପ୍ରମୁଖ ମନ୍ଦିରର ପୂଜାରୀ ସେବକ, ସମସ୍ତ ବିଧାୟକ, ସାଂସଦ, ବରିଷ୍ଠ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି ।

## ଶ୍ରୀସେତୁ ପ୍ରବେଶରେ ଅତିଥିଙ୍କୁ ସ୍ୱାଗତ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ଥିବା ଅତିଥିଙ୍କୁ ଭବ୍ୟ ସ୍ୱାଗତ କରାଯିବ । ସେମାନଙ୍କୁ ଶ୍ରୀସେତୁ ପାଖରେ ଯୋଡ଼ିଶଙ୍ଖ ଓ ଲୋକକଳା ଦଳ ସ୍ୱାଗତ କରିବେ । ସେଠାରୁ ଜଗନ୍ନାଥ ବଲ୍ଲଭରେ ପହଞ୍ଚିବେ ଅତିଥି । ଜଗନ୍ନାଥ ବଲ୍ଲଭ ପରିସରରୁ ଶ୍ରୀମାର୍ଗ ମଧ୍ୟରେ ୧୧ଟି ଜାଗାରେ ବିଭିନ୍ନ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ସେହିପରି ପରିକ୍ରମା ପ୍ରକଳ୍ପ ବୁଲିବା ବେଳେ ୧୮ଟି ସ୍ଥାନରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରାଯିବ ।

## କ୍ୟୁଆର କୋଡ୍‌ରେ ଜାଣିବେ ଜଗନ୍ନାଥଙ୍କ ଲୀଳା

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ଜଗନ୍ନାଥ ବଲ୍ଲଭ ପରିସରରେ ମହାପ୍ରଭୁଙ୍କ ୨୫ ବେଶ, ତିନିରଥ, ଠାକୁରଙ୍କ ଅବ୍ୟବହୃତ ଦୈନନ୍ଦିନ ସାମଗ୍ରୀ ପ୍ରଦର୍ଶନ କରାଯିବ । ଏଥିସହ ଭକ୍ତ ଚରିତରେ ବଳରାମ ଦାସ, ସାଲବେଗ, ରଘୁ ଅରକ୍ଷିତ, ଭକ୍ତ ସାଲବେଗ, ଦାସିଆ, ବାଉରୀ, ତଳୁଛ ମହାପାତ୍ର, ବନ୍ଧୁ ମହାନ୍ତି, ଜୟଦେବ, ଶ୍ରୀଚୈତନ୍ୟଙ୍କ କାହାଣି ବିଷୟରେ ଅବଗତ ହେବେ । ଏକ ବଡ଼ ଏଲ୍‌ଇଡିରେ ଭକ୍ତମାନଙ୍କ କାହାଣୀ ଫଟୋଚିତ୍ର ଏବଂ କଣ୍ଟେଣ୍ଟ ସହିତ ପ୍ରଦର୍ଶନ କରାଯିବ । ଏହିସବୁ ପ୍ରଦର୍ଶନୀକୁ ସାଉଣ୍ଟିବା ପାଇଁ କ୍ୟୁଆର୍ କୋଡ ବ୍ୟବସ୍ଥା କରାଯାଇଛି । ଅତିଥି ଏବଂ ଭକ୍ତମାନେ ଏହି କ୍ୟୁଆର୍ କୋଡକୁ ସ୍କାନ କରି ପରବର୍ତ୍ତୀ ସମୟରେ ମହାପ୍ରଭୁଙ୍କ ଲୀଳା ସମ୍ପର୍କରେ ଅଧିକ ଜାଣିପାରିବେ ।

## ୧୦ ବିନ୍ଦୁରେ 'ପରିକ୍ରମା'

୧. ଶ୍ରୀମନ୍ଦିର ମେଘନାଦ ପ୍ରାଚୀରଠାରୁ ୭୫ ମିଟର ପରିସର ମଧ୍ୟରେ ଥିବା ସମସ୍ତ ଆବାସିକ ଓ ବ୍ୟବସାୟିକ କୋଠାବାଡ଼ିକୁ ଉଚ୍ଛେଦ କରାଯାଇ ଶ୍ରୀମନ୍ଦିରର ସୁରକ୍ଷା ଓ ନିରାପତ୍ତାକୁ ଅଧିକ ସୁଦୃଢ଼ କରାଯିବା ପାଇଁ ବ୍ୟବସ୍ଥା ।

୨. ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା କର୍ମୀ, ସୁରକ୍ଷା ଯାନ, ଅଗ୍ନିଶମ ଯାନ, ଆମ୍ବୁଲାନ୍ସ ଇତ୍ୟାଦି ଏହି ପ୍ରକଳ୍ପରେ ମେଘନାଦ ପ୍ରାଚୀର ଚତୁଃପାଶ୍ୱର୍ରେ ନୂତନ ଭାବେ ନିର୍ମାଣ କରାଯାଇଥିବା ପ୍ରଦକ୍ଷିଣ ରାସ୍ତାରେ ଯେପରି ଅବାଧରେ ଚଳପ୍ରଚଳ କରିପାରିବେ ସେଥିପାଇଁ ସୁ-ବ୍ୟବସ୍ଥା ।

୩. ଆମ୍‌ସାର ଆକ୍ଟ ୧୯୫୮ ଅନୁଯାୟୀ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା ସମସ୍ତ ଆବାସିକ ଏବଂ ବ୍ୟବସାୟିକ କୋଠାବାଡି ଓ ଜବରଦଖଲକୁ ହଟାଇବା ।

୪. ପବିତ୍ର ରଥଯାତ୍ରା ସମୟରେ ରଥଗୁଡ଼ିକର ସୁଗମ ଚଳାଚଳ ପାଇଁ ସିଂହଦ୍ୱାର (ଶ୍ରୀମନ୍ଦିରର ମୁଖ୍ୟ ପୂର୍ବଦ୍ୱାର)ରେ ପର୍ଯ୍ୟାପ୍ତ ଖୋଲା ସ୍ଥାନ ପ୍ରଦାନ କରିବା । ଭକ୍ତମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ସେମାନେ ଯେପରି ରଥ ଉପରେ ବିରାଜିତ ଠାକୁରମାନଙ୍କୁ ଦର୍ଶନ କରିପାରିବେ, ବିଶେଷକରି ସୁନାବେଶରେ ଠାକୁରମାନଙ୍କୁ ଭଲଭାବରେ ଦର୍ଶନ କରିପାରିବେ, ସେଥିପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରିବା ।

୫. ବିଭିନ୍ନ ପର୍ବପର୍ବାଣିମାନଙ୍କରେ ଠାକୁରମାନଙ୍କର ଧାର୍ମିକ ଶୋଭାଯାତ୍ରା ସହ ଭକ୍ତମାନଙ୍କ ନାମ ସଂକୀର୍ତ୍ତନ ଓ ସେମାନଙ୍କର ଧାର୍ମିକ କାର୍ଯ୍ୟକଳାପକୁ ଅଧିକ ସୁଗମ କରିବା ନିମନ୍ତେ ମେଘନାଦ ପ୍ରାଚୀର ଚତୁଃପାର୍ଶ୍ୱରେ ସ୍ୱତନ୍ତ୍ର ଦୁଇଟି ପ୍ରଦକ୍ଷିଣ ପଥ, ଯଥା ଅନ୍ତଃପ୍ରଦକ୍ଷିଣ ଓ ବାହ୍ୟ ପ୍ରଦକ୍ଷିଣ ପଥ ନିର୍ମାଣ ।

୬. ଭକ୍ତ ଓ ସେବକମାନଙ୍କ ସୁବିଧା ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା, ଯଥା ସାମାନଗୃହ, ଶୌଚାଳୟ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର ଓ ପୁଲିସ ସହାୟତା କେନ୍ଦ୍ର ଆଦି ପ୍ରଦକ୍ଷିଣ ପଥ ପାର୍ଶ୍ୱରେ ନିର୍ମାଣ ।

୭. ଭକ୍ତ ଓ ସେବକମାନଙ୍କ ଯାତାୟାତ ନିମନ୍ତେ ଶ୍ରୀମନ୍ଦିରର ବାହ୍ୟ ଦ୍ୱାରଗୁଡିକରୁ ପ୍ରବେଶ ଓ ପ୍ରସ୍ଥାନର ସୁବିଧା ।

୮. ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରରେ ଥିବା ପୁରାତନ ମଠଗୁଡିକର ବିଜେସ୍ଥଳୀକୁ ମରାମତି କରାଯାଇ ସେଗୁଡିକର ନବୀକରଣ ।

୯. ଆକର୍ଷଣୀୟ ବଗିଚା ଏବଂ ଗଛଗୁଡିକ ଦ୍ୱାରା ପ୍ରକଳ୍ପ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ ।

୧୦. ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବାହ୍ୟ ପାର୍ଶ୍ୱରେ ସାଧାରଣ ଜନତାଙ୍କ ଯାନବାହାନ ଚଳାଚଳକୁ ନିୟନ୍ତ୍ରିତ କରିବା । ଏତଦ୍‌ବ୍ୟତୀତ ଉକ୍ତ ଅଞ୍ଚଳରେ ସୁରକ୍ଷା ଯାନ, ଅଗ୍ନିଶମ ଯାନ, ଆମ୍ବୁଲାନ୍ସ ଏବଂ ପରିବହନ ଯାନର ଚଳାଚଳ ପାଇଁ ଆବଶ୍ୟକୀୟ ସ୍ୱତନ୍ତ୍ର ବ୍ୟବସ୍ଥା । ପଥଚାରୀମାନଙ୍କ ପାଇଁ ମଧ୍ୟ ଏକ ରାସ୍ତା ନିର୍ମାଣ ।

## ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ଭକ୍ତ ନିବାସ, ଧର୍ମଶାଳା, ହୋଟେଲ, ରିସର୍ଟ

କେମିତି ହୋଇଛି ପରିକ୍ରମା ପ୍ରକଳ୍ପ କାମ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଚତୁଃପାଶ୍ୱର୍ କେଉଁଭଳି ଦେଖାଯାଉଛି ? ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଏହାକୁ ଦେଖିବେ ନିମନ୍ତ୍ରିତ ଅତିଥି ଏବଂ ଲକ୍ଷାଧିକ ଶ୍ରଦ୍ଧାଳୁ । ତେବେ ନିମନ୍ତ୍ରିତ ଅତିଥିମାନେ ଯେପରି ଜଗନ୍ନାଥ ଧାମରୁ ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସେମାନଙ୍କ ଆସିବା ପରଠାରୁ ଶ୍ରୀକ୍ଷେତ୍ରରୁ ବିଦାୟ ନେବା ପର୍ଯ୍ୟନ୍ତ ଯେପରି ଆତିଥେୟତାରେ ସାମାନ୍ୟତମ ତ୍ରୁଟି ନ ହୁଏ ସେଥିପାଇଁ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ତେବେ ନିମନ୍ତ୍ରିତ ଅତିଥିଙ୍କ ରହଣି ଲାଗି ନୀଳାଦ୍ରୀ ଭକ୍ତ ନିବାସ, ବଗଲା ଧର୍ମଶାଳା, ବୃନ୍ଦାବତୀ ନିବାସ, ଜଗନ୍ନାଥ ବଲ୍ଲଭ କ୍ରାଫ୍ଟ କମ୍ପ୍ଲେକ୍ସ ସମେତ ପୁରୀର ବିଭିନ୍ନ ହୋଟେଲ ବୁକିଂ କରାଯାଇଛି । ନୀଳାଦ୍ରି ଭକ୍ତ ନିବାସର ୭୦ଟି ରୁମ୍‌କୁ ୧୦ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ବୁକିଂ କରାଯାଇଥିବା ସୂଚନା ମିଳିଛି । ଗୋଟିଏ ଗ୍ରୁପ୍ ପକ୍ଷରୁ ଏହାକୁ ବୁକ୍ କରାଯାଇଥିଲା । ମାତ୍ର ଅତିଥିଙ୍କ ପାଇଁ ଏହି ବୁକିଂକୁ ବାତିଲ କରାଯାଇଛି । ସେହିପରି ବଗଲା ଧର୍ମଶାଳା, ବୃନ୍ଦାବତୀ ନିବାସ ଏବଂ ବିଭିନ୍ନ ହୋଟେଲରେ ଅତିଥିଙ୍କ ରହଣି ପାଇଁ ବ୍ୟବସ୍ଥା ହୋଇଛି ।




## ନିର୍ମାଲ୍ୟ ଖଳାରେ ସେବନ କରିବେ ମହାପ୍ରସାଦ

ମହାପ୍ରଭୁଙ୍କ ପବିତ୍ର କାର୍ଯ୍ୟରେ ସାମିଲ ପାଇଁ ଦୂରାଦୂରାନ୍ତରୁ ଅତିଥି ପୁରୀ ଆସିବେ । ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ । ହେଲେ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିବେନି ବା କେମିତି ? ହଁ, ନିମନ୍ତ୍ରିତ ଅତିଥିମାନଙ୍କ ପାଇଁ ମହାପ୍ରସାଦ ସେବନର ବି ବ୍ୟବସ୍ଥା କରାଯାଇଛି । ୧୭ ତାରିଖରେ ପ୍ରକଳ୍ପ ଲୋକାର୍ପଣ ପରେ ମନ୍ଦିର ଚତୁଃପାଶ୍ୱର୍ ପରିକ୍ରମା କରିବେ ଅତିଥି । ପ୍ରଥମେ ସଂକୀର୍ତ୍ତନ ଦଳ ଆଗେ ଆଗେ ଯିବ । ତାଙ୍କ ପଛେ ପଛେ ଯଜ୍ଞମଣ୍ଡପ ନିକଟରେ ବସିଥିବା ଅତିଥିମାନେ ଯିବେ । ଏହାପରେ ସାଂସ୍କୃତିକ ଶୋଭାଯାତ୍ରା ରହିବ । ଏଥିରେ ନାଗାମେଢ ସାଙ୍ଗକୁ ବିଭିନ୍ନ ପ୍ରକାର ମେଢ ନୃତ୍ୟ ସାମିଏ ହେବ । ଏହି ସାଂସ୍କୃତିକ ଶୋଭାଯାତ୍ରା ପଛରେ ନିମନ୍ତ୍ରିତ ଅତିଥି (ଯେଉଁମାନେ ଉତ୍ତର ପାଶ୍ୱର୍ ମଠ ନିକଟରେ ବସିଥିବେ) ପ୍ରକଳ୍ପ ଚାରିପାଖ ବୁଲିବେ । ଏହାପରେଏକ ଛୋଟିଆ ସମ୍ବର୍ଦ୍ଧନା ପର୍ବ ଚାଲିବ । ଏହି ସମ୍ବର୍ଦ୍ଧନା ପର୍ବ ସରିବା ପରେ ନିମନ୍ତ୍ରିତ ଅତିଥିମାନେ ଶ୍ରୀମନ୍ଦିରକୁ ଯାଇ ନିର୍ମାଲ୍ୟ ଖଳାରେ ମହାପ୍ରସାଦ ସେବନ କରିବେ । ପ୍ରାୟ ୩ ହଜାର ଜଣଙ୍କ ପାଇଁ ଅବଢ଼ା ସେବନର ବ୍ୟବସ୍ଥା ହୋଇଥିବା ଜଣାପଡିଛି ।



# ୪ର୍ଥ ପର୍ଯ୍ୟାୟରେ ଜିଲ୍ଲାର ୬୩ ହାଇସ୍କୁଲର ରୂପାନ୍ତରଣ

**ଢେଙ୍କାନାଳ ୧୩/୦୧(ସମିସ )**

ଢେଙ୍କାନାଳ ଜିଲ୍ଲାରେ ୪ର୍ଥ ପର୍ଯ୍ୟାୟରେ ୬୩ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କରାଯିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୨୪୪ଟି ବିଦ୍ୟାଳୟ ରୂପାନ୍ତରିତ ହୋଇଛି। ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଜିଲ୍ଲାର ୬୩ଟି ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିତ କରିବା ସହିତ ଲୋକାର୍ପିତ କରିଛନ୍ତି। ଏହି ବିଦ୍ୟାଳୟ ଓଡିଆ ଜାତି ଭିତରେ ନୂଆ ଜାଗରଣ ପାଇଁ ମାର୍ଗ ପ୍ରଶସ୍ତ କରିଛି ବୋଲି କହିଥିଲେ। ପିଲାଙ୍କ ଭିତରେ ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିଛି ରୂପାନ୍ତରଣ, ପିଲାମାନଙ୍କ ସ୍ୱପ୍ନ ନିଶ୍ଚିତ ପୂରଣ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ୫-ଟି ରୂପାନ୍ତର ପିଲାମାନଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି ବୋଲି କହିଥିଲେ। ଢ଼େଙ୍କାନାଳ ସହରସ୍ଥ ସୌଦାମିନୀ ସ୍ମୃତି ବିଦ୍ୟାପୀଠ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଖଣି, ଇସ୍ପାତ ଏବଂ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ, ସମାଜରେ ବର୍ତ୍ତମାନ ଘରୋଇ ସ୍କୁଲ ମୋହ ଛାଡି ଛାତ୍ରଛାତ୍ରୀମାନେ ସରକାରୀ ସ୍କୁଲ ମୁହାଁ ହେଉଛନ୍ତି। ଜିଲ୍ଲାରେ ମୋଟ ୨୪୪ ଟି ବିଦ୍ୟାଳୟର ରୂପାନ୍ତରିତ କରାଯାଇଛି ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର କାନପୁରା ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟର ନବମଶ୍ରେଣୀ ଛାତ୍ରୀ ସ୍ୱାତୀ ସ୍ୱାଗତିକା ମହାପାତ୍ର କହିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଉଦ୍ୟମ ଯୋଗୁ ସମ୍ଭବ ହୋଇଛି। ମୋର ବିଶ୍ୱାସ ଏହି ସବୁ ସାଧନକୁ ବ୍ୟବହାର କରି ଆମେ ବିଶେଷ ଭାବରେ ଉଚ୍ଚତର ଶିକ୍ଷା ପାଇ ପାରିବୁ ବୋଲି କହିବା ସହ ବଡ ହେଲେ ମୁଁ ଜଣେ ଡାକ୍ତର ହେବି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ସମେତ ବିଭିନ୍ନ ବ୍ଲକର ପଞ୍ଚାୟତ ରାଜ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ଦଳୀୟ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ପରିଚାଳନା କରିଥିବା ବେଳେ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**● ଜିଲ୍ଲାର ମୋଟ ୨୪୪ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ**
**● ଛାତ୍ରଛାତ୍ରୀ ସରକାରୀ ସ୍କୁଲ ମୁହାଁ : ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ**




## ଖାଦ୍ୟ ଆୟୋଗ ସଦସ୍ୟଙ୍କ ଖାଦ୍ୟର ମାନ ଯାଞ୍ଚ



**କାମାକ୍ଷାନଗର, ୧୩ା୧ (ସମିସ)** : ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା। କାର୍ଯ୍ୟକ୍ରମ ଅନୁସାରେ ପରଜଙ୍ଗ ବ୍ଲକ ପିଟିରି, ଓଡ଼ିଶିଂହା, ଖଇରମୁଣ୍ଡା, ଗଣ୍ଡତଇଲା, ଡିହକମର ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଖଇରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡତଇଲା, କମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ଗଣ୍ଡତଇଲା ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାମାନଙ୍କୁ ସକାଳ ଜଳଖିଆ ଦିଆଯାଇନଥିଲା ଏବଂ ରନ୍ଧନଖାଦ୍ୟ ମଧ ଦିଆଯାଇନଥିଲା କି ରୋଷେଇ ମଧ କରାଯାଇ ନଥିଲା, ଏହି ସମସ୍ୟାକୁ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀଙ୍କୁ ଶ୍ରୀଯୁକ୍ତ ବେହେରା ଅବଗତ କରାଇଥିଲେ ଏବଂ ବିହୀତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଖଇରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ମଧ୍ୟାହ୍ନ ଭୋଜନ ଠିକ ସମୟରେ ନ ଦେଇ ସକାଳ ୧୦ଘଣ୍ଟିକା ପୂର୍ବରୁ ଦେଇସାରିଛୁ ବୋଲି ପ୍ରଧାନ ଶିକ୍ଷୟତ୍ରୀ କହିଲେ। ଭବିଷ୍ୟତରେ ଏପରି ଭୁଲ ନକରିବା ପାଇଁ ରାଜ୍ୟ ଖାଦ୍ୟ ଆୟୋଗ ର ସଦସ୍ୟ ପରାମର୍ଶ ଦେଇ ବିଭାଗୀୟ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଏପରି ଅଚାନକ ପରିଦର୍ଶନ ଆଗକୁ ଯାରି ରହିବ ବୋଲି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ କହିଛନ୍ତି।

## ଶିଶୁକନ୍ୟାକୁ ବଞ୍ଚାଇବାକୁ ଯାଇ ନିଆଁରେ ଜଳିଗଲେ ମାଆ



**ଭୁବନ, ୧୩ା୧ (ସମିସ)** : ଭୁବନ ଥାନା କୃଷ୍ଣପୁର ଗାଁରେ ଘଟିଛି ଅଭାବନୀୟ ଘଟଣା। ଦେଢ଼ ମାସର ଛୁଆକୁ ବଞ୍ଚେଇବାକୁ ଯାଇ ଜଳିଯାଇଛି ମାଆ। ଗୁରୁତର ମହିଳା ଜଣଙ୍କ ଭୁବନ ଥାନା ଯମୁନାକୋଟ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପୁର ଗାଁର ସୁନି ପାତ୍ର। ସୂଚନା ଅନୁସାରେ ସୁନି ଘରେ ଛୁଆ ପାଇଁ ଗରମ ପାଣି କରୁଥିବା ବେଳେ ନିଜର ଦେଢ଼ ମାସର ଛୁଆକୁ ଚୁଲି ପାଖରେ ଶୁଆଇଥିଲେ। ଛୁଆଟି ଚୁଲି ଆଡ଼କୁ ଗଡ଼ି ଆସୁଥିବା ଦେଖି ସୁନି ଛୁଆକୁ ବଞ୍ଚାଇବାକୁ ଉଦ୍ୟମ କରୁଥିବା ବେଳେ ଚୁଲି ନିଆଁ ତାଙ୍କ ପିନ୍ଧା ଲୁଗାରେ ଲାଗି ଯାଇଥିଲା। ଫଳରେ ଛୁଆକୁ ବଞ୍ଚେଇବାକୁ ଯାଇ ନିଜେ ନିଆଁରେ ଜଳି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ବଜରଙ୍ଗ କ୍ଲବ୍‌ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**ଢେଙ୍କାନାଳ ୧୩ା୧ (ସମିସ)** : ଢ଼େଙ୍କାନାଳ ସହରସ୍ଥିତ ମିନି ଷ୍ଟାଡିୟମଠାରେ ଅଗ୍ରଣୀ ଯୁବ ସଂଗଠନ ବଜରଙ୍ଗ କ୍ଲବର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆଗ୍ନେୟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂଶା କରିବା ସହିତ ଲୋକମାନଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ପାଇଁ ଏହା ଏକ ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅଥିତି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ ପ୍ରମୁଖ ଯୋଗଦେଇ ଜିଲ୍ଲାର କଳା ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ମାନସ ରାଉତ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଶୁଭେନ୍ଦୁ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



● **ଜୟ ଜଗନ୍ନାଥ ଧ୍ୱନୀରେ କମ୍ପୁଛି ହିନ୍ଦୋଳ ଉପଖଣ୍ଡ**

## ଅର୍ପଣ ରଥକୁ ସ୍ୱାଗତ ସହ ଚାଲିଛି ଗୁଆ, ଅରୁଆ ଚାଉଳ ସଂଗ୍ରହ

**ହିନ୍ଦୋଳ, ୧୩ା୧ (ସମିସ)**



ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପକଳ୍ପ କାର୍ଯ୍ୟରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମରେ ବୁଲୁଛି ଅର୍ପଣ ରଥ। ହିନ୍ଦୋଳ ବିଧାୟିକା ଉପଖଣ୍ଡର ଭିନ୍ନ ଭିନ୍ନ ଗ୍ରାମ ବୁଲି ଅର୍ପଣ ରଥ ଦ୍ୱାରା ହେଉଥିବା କାର୍ଯ୍ୟକ୍ରମରେ ସାମିଲୀ ହୋଇ ଗୁଆ, ଅରୁଆ ଚାଉଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଫଳରେ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମର ଗାଁ ଦାଣ୍ଡ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠୁଛି। ଭଜନ କୀର୍ତ୍ତନର ତାଳରେ ଗାଁ ପରିବେଶ ଭକ୍ତିଭାବ ଜାଗ୍ରତ ହୋଇ ଉଠିଛି। କଳସରେ ଆମ୍ବଡାଳ, ନଡ଼ିଆ ଗୁଆ ଥୋଇ ପରିବାରର ମଙ୍ଗଳ ମନାସୁଛନ୍ତି ମହିଳାମାନେ। ପ୍ରଭୁଙ୍କ ଫଟୋଚିତ୍ର ନିକଟରେ ନଡ଼ିଆ କଦଳୀ ଫଳମୂଳ ଆଦି ନୈବେଦ୍ୟ ଥୋଇ ଭୋଗ କରିବା ସହ ପ୍ରଭୁଙ୍କ ନିକଟରୁ ପଞ୍ଚାମୃତ, ତୁଳସୀ ଆଦି ସେବନ କରୁଥିବା ଦେଖିବାକୁ ମିଳିଛି। ରଥ ପରିକ୍ରମା ସମୟରେ ଗାଁ ଦାଣ୍ଡ ଲୋକାରଣ୍ୟ ହୋଇ ଉଠୁଛି। ଆଜି ଏହି ରଥ ଉପଖଣ୍ଡର ବୁହାଳିପାଳ, ଜରଡ଼ା, ଗାଲପଡ଼ା, ସଞ୍ଚପଡ଼ା ଗ୍ରାମରେ ପରିକ୍ରମା କରୁଥିବା ଦେଖିବାକୁ ମିଳିଥିଲା। ବହୁ ଜନସାଧାରଣ ରଥକୁ ସ୍ୱାଗତ କରିବା ଶହ ଶହ ଲୋକ ବନ୍ଦାପନା କରି କୀର୍ତ୍ତନ ଭଜନର ତାଳେ ତାଳେ ଘର ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ଭୁବନ, ୧୩ା୧ (ସମିସ)**: ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ନୂଆହାଟ, ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଛାତ୍ରୀମାନଙ୍କର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦଘାଟିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର କାର୍ତ୍ତିକ ଚନ୍ଦ୍ର ନାୟକ କ୍ରୀଡ଼ା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆନୁଷ୍ଠିତ ଶିବିରରେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିସରରେ ଅଧକ୍ଷ ସୁଶାନ୍ତ ଭୂଷଣ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରମୋଦ କୁମାର ଦାସ, ପ୍ରଫୁଲ କୁମାର ରାଉତ, ଅମ୍ବୁଜ କୁମାର ଜେନା, ସନ୍ତୋଷ କୁମାର ସ୍ୱାଇଁ, ଅଧ୍ୟାପିକା ସ୍ୱର୍ଣ୍ଣଲତା ସ୍ୱାଇଁ ଯୋଗଦେଇଥିଲେ। ୮ଦିନ ବ୍ୟାପୀ ହେବାକୁଥିବା ଉକ୍ତ ଶିବିରର ୮୩ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ଲିଟିଲିରାଣୀ ଜେନାଙ୍କ ଠାରୁ ପ୍ରଶିକ୍ଷଣ ନେବେ। ଗୋଲକ ଖିଲାର, ହେମନ୍ତ ବରାଳ, ଓ ବିଷ୍ଣୁ ଚରଣ ରାଉଳ, ସୁକାନ୍ତି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ଢେଙ୍କାନାଳ, ୧୩ା୧(ସମିସ)** : ଢେଙ୍କାନାଳ ସହରସ୍ଥିତ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ୬୪ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ କୃଷିଦା ବେଗମ ଓ ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟା ଉଷାରାଣୀ ପଟ୍ଟନାୟକ ଯୋଗଦାନ କରି ପିଲାମାନଙ୍କୁ ତାଙ୍କର ବହୁମୂଲ୍ୟ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥି ସହିତ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରି ସଭାଟିକୁ ଉତ୍ସବ ମୁଖର କରିଥିଲେ। ଏହି ସମାରୋହରେ ବିଦ୍ୟାଳୟର ସମସ୍ତ ଅଭିଭାବକ ଓ ଅଭିଭାବିକା ଏବଂ ଅନ୍ୟ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେବାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ହିନ୍ଦୋଳ, ୧୩ା୧(ସମିସ)**: ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ଶନିବାର 'ନୂଆ ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ' ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଓଡିଆ ବିଭାଗ ଅଧ୍ୟାପକ ଡ. ନରେଶ ଚନ୍ଦ୍ର ନାୟକ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପଟନାୟକ ମୁଖ୍ୟ ଅତିଥି, ବକ୍ତା ଭାବେ ଆଇନଜୀବୀ ତଥା ସାହିତ୍ୟିକ ଅଭୟ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ +୩ ନୋଡାଲ ଅଧିକାରିଣୀ ଅଧ୍ୟାପିକା ଡ. ପୁଷ୍ପାରାଣୀ ନାଥ, +୨ ନୋଡାଲ ଅଧିକାରିଣୀ ଅଧ୍ୟାପିକା ଡ. ଗୌଉମୀ ନାୟକ, ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ବସନ୍ତ କୁମାର ପଟନାୟକ ପ୍ରମୁଖ ଯୋଗଦେଇଥିଲେ। ଓଡିଆ ଭାଷାର ସମୃଦ୍ଧି ନିମନ୍ତେ ସରକାରଙ୍କ ପ୍ରଯୋଜିତ ନୂଆ- ଓ' କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଶ୍ୱରେ ଦରବାରରେ ଆଗାମୀ ଦିନରେ ପହଞ୍ଚିବା ସହ ଏହା ଆମ ଓଡିଆଙ୍କ ଅସ୍ମିତାର ପରିଚୟ ହେବ, ଏଣୁ ଏନେଇ ସମସ୍ତେ ପ୍ରୟାସ କରିବାକୁ ଅତିଥିବୃନ୍ଦ ଆହ୍ୱାନ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିବା ସମୟରେ ମହାବ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଏହିଅବସର ରେ କବିତା ପ୍ରବନ୍ଧ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



## ଢେଙ୍କାନାଳ ପୌରାଞ୍ଚଳର ୱାର୍ଡରେ ଅର୍ପଣ ରଥର ପରିକ୍ରମା



**ଢେଙ୍କାନାଳ, ୧୩ା୧(ସମିସ)**: ଶ୍ରୀମନ୍ଦିର ପୁରୀରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ରାଜ୍ୟର ଗାଁ ଠାରୁ ସହର ଅର୍ପଣ ରଥ ପରିକ୍ରମା କରୁଛି। ଏହି ଅର୍ପଣ ରଥରେ ସମସ୍ତେ ଯୋଡିହେବା ପାଇଁ ସଂଗ୍ରହ ହେଉଛି ଅରୁଆ ଚାଉଳ ଓ ଗୁଆ। ଏହି ଅବସରରେ ଅର୍ପଣ ରଥ ଢେଙ୍କାନାଳ ପୌରାଞ୍ଚଳର ସମସ୍ତ ୱାର୍ଡ ପରକ୍ରମା କରି ଶୁକ୍ରବାର ଢେଙ୍କାନାଳ ପୌରାଞ୍ଚଳର ୨୦ନଂ ୱାର୍ଡଠାରୁ ସକାଳ ୯ଟାରେ ବାହରି ୨୧ନଂ, ୨୨ନଂ, ଓ ୨୩ନଂ ୱାର୍ଡଗୁଡ଼ିକୁ ପରକ୍ରମା କରିଥିଲା। ଏହି ସବୁ ସ୍ଥାନମାନଙ୍କରେ ମହିଳାମାନଙ୍କ ଦ୍ୱାରା ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟନାଦ ଓ ହୁଳହୁଳି ସହିତ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଅର୍ପଣ ରଥ ସାହି ଗୁଡିକରେ ବୁଲିଥିଲା। ବିଶେଷକରି ମହିଳା ଶ୍ରଦ୍ଧାଳୁମାନେ ନିଜ ନିଜ ଘର ଆଗରେ ଅର୍ପଣ ରଥକୁ ସ୍ୱାଗତ କରି ବନ୍ଦାପନା କରିବା ସହ ମୁରୁଜ ପକାଇ ଓ କଳସ ଇତ୍ୟାଦି ବସାଇ ରଥକୁ ସ୍ୱାଗତ କରିଥିଲେ। ଏଥିସହିତ ଅଧ୍ୟାତ୍ମିକ ଭାବାବେଗରେ ଅରୁଆ ଚାଉଳ ଓ ଗୁଆ, ନଡିଆ ପ୍ରଦାନ କରିଥିଲେ। ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ପୌର ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ନେତୃତ୍ୱରେ ଅର୍ପଣ ରଥ ସହର ସାରା ପରିକ୍ରମା କରିଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ କାଉନସିଲର ଶୁଭଲକ୍ଷ୍ମୀ ସାହୁ, ଦୀପ୍ତିରଞ୍ଜନ ସେଠୀ, ରୋଜାଲିନ ସାହୁ, ବ୍ରହ୍ମାନନ୍ଦ ମଲିକ, ବିଜେଡି ମହିଳା ଉପସଭାପତି ଉର୍ବଶୀ ମହାପାତ୍ର, ୨୧ନଂ ୱାର୍ଡର ମହିଳା ନେତ୍ରୀ ସଂଧାରାଣୀ ପଣ୍ଡା, ସୁଜିତ କୁମାର ସାହୁ, ପ୍ରଦୀପ ସାହୁ ପ୍ରମୁଖ ପରିଚାଳନାରେ ସହେଯାଗ କରିଥିଲେ।

# ଶ୍ରୀ ଲୋକନାଥ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଓ ପ୍ରତିଭା ସମ୍ମାନ

**ଢେଙ୍କାନାଳ ୧୩ା୧ (ସମିସ)**




ଓଡାପଡ଼ା ବ୍ଲକ ଅନ୍ତର୍ଗତ କାଶିଆଡିହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳମଣି ଆଦର୍ଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୪ର୍ଥ ବାର୍ଷିକ ଶ୍ରୀଲୋକନାଥ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଓ ପ୍ରତିଭା ସମ୍ମାନ-୨୦୨୪ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ କାଶିଆଡିହି, ବଳରାମପୁର, କାଣ୍ଡବିନ୍ଧା ଓ ଗଞ୍ଜରା ଗ୍ରାମପଞ୍ଚାୟତର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଚିତ୍ରାଙ୍କନ, ନୃତ୍ୟ ଓ ଗୀତର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାକୁ ସଙ୍ଗୀତ ଗୁରୁ କୁମାର୍ ଜିତ୍ ଓ ନୃତ୍ୟଗୁରୁ ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଓ ରଶ୍ମିତା ନାୟକ ପରିଚାଳନା କରିଥିଲେ। ଅପରାହ୍ନରେ ଅନୁଷ୍ଠାନର ଉପଦେଷ୍ଟା କ୍ଷୀରୋଦ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିକାଶ ଫାଉଣ୍ଡେସନ୍ ଟ୍ରଷ୍ଟ ତାଳଚେରର ଅଧକ୍ଷା ମୃଦଳା ଠାକୁର ପ୍ରଧାନ ମହୋଦୟା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ପଣ୍ଡିତ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳର ପୂର୍ବତନ ମନ୍ତ୍ରୀ ତଥା ବିଧାୟିକା ଅଞ୍ଜଳି ବେହେରା, ଢେଙ୍କାନାଳ ପୌରପରିଷଦର ଅଧକ୍ଷା ଜୟନ୍ତୀ ପାତ୍ର ଓ ପରଜଙ୍ଗ ବ୍ଲକର ଅଧକ୍ଷା ସର୍ମିଷ୍ଠା ଦଳବେହେରା ଯୋଗଦେଇଥିଲେ। ସଭା ଆରମ୍ଭରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କୁ ମଞ୍ଚସ୍ଥଳକୁ ପାଛୋଟି ନିଆଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ଓ ସ୍ୱାଗତ ସଙ୍ଗୀତ ଗାନ ପରେ ଅନୁଷ୍ଠାନର ସଭାପତି ପ୍ରକାଶ କୁମାର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସୁଜନ କୁମାର ସିଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ମୃଦଳା ଠାକୁର ପ୍ରଧାନ ଅଭିଭାଷଣ ରଖି ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଯଥା- ଶିବ ସିଂହ, ସ୍ୱପ୍ନେଶ୍ୱର ପ୍ରଧାନ, ପବିତ୍ର ମୋହନ ମହାପାତ୍ର, ପ୍ରକାଶ ଚନ୍ଦ୍ର ରାଉତ, ସତ୍ୟବ୍ରତ ପାତ୍ର ପ୍ରମୁଖଙ୍କୁ ବିଭିନ୍ନ କୃତୀତ୍ୱ ପାଇଁ ସମ୍ବର୍ଦ୍ଧିତ କରିଥିଲେ ଓ ବିପିନି ବିହାରୀ ଖୁଣ୍ଟିଆଙ୍କୁ ମରଣୋତର ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ପ୍ରମୋଦ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମିଶ୍ର, ଭଗବତୀ ମିଶ୍ର ଏବଂ ଅନ୍ୟ ଗୁରୁଜୀ ଓ ଗୁରୁମା ମାନେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରି ସଫଳ କରାଇଥିଲେ। ପିଙ୍କି ପରିଡ଼ା ଓ ବିଜ୍ଞାନ ମହାନ୍ତି ମଞ୍ଚ ପରିଚାଳନା କରିବା ସହିତ ବିଭିନ୍ନ ମିମିକ୍ରି ମାଧ୍ୟମରେ ଦର୍ଶକମାନଙ୍କର ମନମୋହିଥିଲେ। ଢେଙ୍କାନାଳ ଥିଙ୍କର୍ଷ ଫୋରମ୍‌ର ସଭାପତି ସୋମେନ୍ଦୁ ଶତପଥୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ଫୋରମ୍‌ର ସମସ୍ତ ସଦସ୍ୟ ଓ ବିଶିଷ୍ଟ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ବାଦଲ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଦର୍ଶକ ଉପସ୍ଥିତ ରହି ଢେଙ୍କାନାଳ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ସୁରଙ୍ଗନା କଳା ନିକେତନ ଓ ଶ୍ରୀଲୋକନାଥ ସଙ୍ଗୀତ ବିଦ୍ୟାଳୟର ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ, କଣ୍ଠଶିଳ୍ପୀ ଜିତେନ୍ଦ୍ର କୁମାର ବେହେରା, ଅନୁଷ୍ଠାନର ସଭାପତି ପ୍ରକାଶ କୁମାର ପରିଡ଼ା ଓ ଢେଙ୍କାନାଳର କଣ୍ଠଶିଳ୍ପୀ ଇପ୍ସିତା ବିଶ୍ୱାସଙ୍କ ସୁମଧୁର କଣ୍ଠ ସଙ୍ଗୀତକୁ ମନଭରି ଉପଭୋଗ କରିଥିଲେ।

## ବୈଦିକ ବ୍ରାହ୍ମଣ ପରିଷଦର ସାଧାରଣ ବୈଠକ

**କାମାକ୍ଷାନଗର, ୧୩ା୧(ସମିସ)**: କାମାକ୍ଷାନଗର ବ୍ରାହ୍ମଣ ପରିଷଦ ତରଫରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏହି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ଶ୍ରୁତିପଦ ନନ୍ଦ ସଭା କାର୍ଯ୍ୟ ପରିଚାଳନା କରିବା ସହ ସାଧାରଣ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ସମୟରେ ବ୍ରାହ୍ମଣ ସମାଜ ବିଭିନ୍ନ କ୍ଷେତ୍ରରେ ଅବହେଳାର ଶିକାର ହେଉଅଛି। ସରକାରୀ ସ୍ତରଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ କ୍ଷେତ୍ର, ସାଂସ୍କୃତିକ କ୍ଷେତ୍ର ରେ ବ୍ରାହ୍ମଣ ସମାଜ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ତେଣୁ ବ୍ରାହ୍ମଣମାନେ ଏକତ୍ରିତ ହୋଇ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସଭାରେ ମତ ପ୍ରକାଶ ପାଇଥିଲା। ଆଜି ବି ଅନେକ ବ୍ରାହ୍ମଣ ପରିବାର ସମାଜ ର ତଳସ୍ତରରେ ଅତ୍ୟନ୍ତ ଦୁର୍ବିସହ ଅବସ୍ଥାରେ ରହିଛନ୍ତି। ସେମାନଙ୍କୁ କିପରି ସମାଜର ମୂଳସ୍ରୋତରେ ସରକାର ସ୍ଥାନ ଦେବେ ସେନେଇ ସରକାରୀ ସ୍ତରରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ବିଭିନ୍ନ ବିବାହ, ବ୍ରତ, ଶୁଦ୍ଧିକ୍ରିୟା କାର୍ଯ୍ୟରେ ସମସ୍ତ ବ୍ରାହ୍ମଣ ଏକତ୍ରିତ ହୋଇ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏହି ସାଧାରଣ ବୈଠକରେ ପରିଷଦର ଉପସଭାପତି ଶିଶିରକାନ୍ତ ପଣ୍ଡା, କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ମହାପାତ୍ର, ସଞ୍ଜୟ କୁମାର ପତି, କୋଷାଧକ୍ଷ ନୀତିଶ ପାଣିଗ୍ରାହୀ, ଆଇନ ପରାମର୍ଶଦାତା ପ୍ରଭାସ ରଞ୍ଜନ ମିଶ୍ର, ବରିଷ୍ଠ ସଦସ୍ୟ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ମେଜର ପ୍ରଭାତ କୁମାର ଦାଶ, ସନତ କୁମାର ମିଶ୍ର, ପ୍ରମୋଦ ମିଶ୍ର, ଶୁଭମୟ ନନ୍ଦ, ହୃଦୟ ବଲ୍ଲଭ ମିଶ୍ର, ପ୍ରତ୍ୟୁଷ ମିଶ୍ର, ଜୀବନନନ୍ଦ ଶତପଥୀ, ରଞ୍ଜିତ ମିଶ୍ର, ଓ କାମାକ୍ଷାନଗର ବ୍ରାହ୍ମଣ ପରିଷଦର ଶତାଧିକ ସଦସ୍ୟ ଏହି ସାଧାରଣ ବୈଠକରେ ଉପସ୍ଥିତ ଥିଲେ।

## ହଳଦିଆଗଡ଼ା-ପାଟକୁରା ରାସ୍ତା କାର୍ଯ୍ୟରେ ବିଳମ୍ବ

# ବିଭାଗର ଅବହେଳା ପାଇଁ ବଢ଼ୁଛି ଦୁର୍ଘଟଣା



ମାର୍ଶାଘାଇ/ଗରଦପୁର,୧୩।୧(ସମିସ): ପାଖାପାଖି ଏକ ବର୍ଷ ହେବ ପାଟକୁରାରୁ ହଳଦିଆଗଡା ନଦୀବନ୍ଧ ରାସ୍ତା ପାର୍ଶ୍ୱରେ ମାଟି ପକାଇ ଚଉଡ଼ା ବା ନବୀକରଣ କରିବା ପାଇଁ ସରକାର ଅର୍ଥରାଶି ମଞ୍ଜୁର କରିଛନ୍ତି। ଆର୍‌ ଆଣ୍ଡ ବି ବିଭାଗ ଦ୍ୱାରା ମଞ୍ଜୁର ହୋଇଥିବା କାର୍ଯ୍ୟକୁ ଜଣେ ଠିକାଦାର ମଧ୍ୟ ଏହି କାମକୁ ନେଇ ବର୍ଷକ ତଳେ ପ୍ରଥମେ ମାଟି ପକାଇବା ଆରମ୍ଭ କରିଥିଲେ। ଏନ୍‌ଏଚ୍‌କୁ ସଂଯୋଗ ଏହି ମୁଖ୍ୟ ରାସ୍ତାରେ ପୁରା ଅଞ୍ଚଳ ବା ପଡୋଶୀ ଜିଲ୍ଲା ଲୋକେ ମଧ୍ୟ ନିର୍ଭର କରନ୍ତି। ପ୍ରତି ଦିନ ଯାତ୍ରୀବାହୀ ବସ୍‌ ସହ ଆମ୍ବୁଲାନ୍ସ ଏହି ରାସ୍ତା ଦେଇ ଯାଇଥାଏ। ଦୈନିକ ହଜାର ହଜାର ଲୋକେ ଯାତାୟତ କରନ୍ତି। କିନ୍ତୁ ଏବେ ଏହି ମୁଖ୍ୟ ରାସ୍ତାରେ ଯାତାୟତ କରିବା ବଡ଼ କଷ୍ଟକର ହୋଇପଡିଛି। ରାସ୍ତା କାର୍ଯ୍ୟରେ ବିଳମ୍ବ ବା ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏପରି ପରିସ୍ଥିତି ହେଉଥିବା ସ୍ଥାନୀୟ

**ରାସ୍ତାକୁ ଖୋଳି ଦୀର୍ଘଦିନ ପକାଇ ରଖିଛି ଆର୍‌ ଆଣ୍ଡ ବି**

ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଥିବା ପିଚୁ ରାସ୍ତାକୁ ତାଡି ତାକୁ ଚଉଡ଼ା କରି ନୂତନ ପିଚୁ ରାସ୍ତାରେ ପରିଣତ କରିବା କଥା। ଯେହେତୁ ଏହି ରାସ୍ତାଟି ସମସ୍ତ ଅଞ୍ଚଳ ପାଇଁ ମୁଖ୍ୟ ରାସ୍ତା ତେଣୁକରି ତୁରନ୍ତ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତି ରହି କାର୍ଯ୍ୟର ତଦାରଖ କରିବା ସହ କାର୍ଯ୍ୟ ଶୀଘ୍ର ଶେଷ କରିବା କଥା। ହେଲେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଏବେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏବେ ଯାତାୟତକାରୀ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି। ତେବେ ଏହି ରାସ୍ତାରେ ଥିବା ପୂର୍ବ ପିଚୁକୁ ତାଡ଼ି ସେହି ରାସ୍ତାରେ ବ୍ୟବହାର କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ଦାବି ହୋଇଆସୁଥିବା ଏହି ମୁଖ୍ୟରାସ୍ତା ଦୀର୍ଘଦିନ ପରେ ନବୀକରଣ ହେଉଥିବା ବେଳେ କାହିଁକି ଏତେ ମନ୍ଥର ଗତିରେ କାର୍ଯ୍ୟ ହେଉଛି ତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

## ବିବେକାନନ୍ଦଙ୍କ ୧୬୧ତମ ଜୟନ୍ତୀ ପାଳିତ

ମହାକାଳପଡ଼ା, ୧୩।୧ (ସମିସ): ମହାକାଳପଡ଼ା ବ୍ଲକ ଜମ୍ବୁ ଗ୍ରାମ ପଞ୍ଚାୟତରେ ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ ବିଶ୍ୱ ଯୁବ ଦିବସ ଅବସରରେ ଶୁକ୍ରବାର ସ୍ୱାମୀଜୀଙ୍କ୧୬୧ତମ ଜନ୍ମଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜମ୍ବୁ ପଞ୍ଚାୟତର ସରପଞ୍ଚ ବିଶ୍ୱଜିତ ବସୁ, ସମ୍ମାନିତ ଅତିଥି ଭାବେ ଜମ୍ବୁ ମେରାଇନ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ,ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ମନୀଭୂଷଣ ଦାସ ଯୋଗ ଦେଇଥିଲେ। କ୍ଲବର ସଭାପତି ଶ୍ରୀମନ୍ତ ପାହାଡ଼ି ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହିତ ସମ୍ପାଦକ ଗୁରପଦ ବେରା ସ୍ୱାଗତ ଭାଷଣ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ

ପାରାଦୀପ, ୧୩।୧ (ସମିସ) : ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଙ୍କ ୧୬୧ ତମ ଜନ୍ମ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଛି।ଏହି ଉତ୍ସବକୁ ସାରା ରାଜ୍ୟ ଜାତୀୟ ଯୁବ ଦିବସ ଭାବେ ପାଳନ କରୁଥିବା ବେଳେ ପାରାଦୀପ ସ୍ୱାମୀ ବିବେକାନନ୍ଦ ୟୁଥ୍‌ କ୍ଲବ ତାର ପ୍ରତିଷ୍ଠା ଦିବସ ଭାବେ ପାଳନ କରିଆସୁଛି। ବିଜୟଚାନ୍ଦପୁରଠାରେ ଥିବା କ୍ଲବ ପରିସରରେ ଅନୁଷ୍ଠିତ ଜନ୍ମ ବାର୍ଷିକୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ନାରାୟଣ ବେହେରା ଯୋଗ ଦେଇ ଛୋଟ ଛୋଟ ପିଲା ମାନଙ୍କୁ ନେଇ କେକ୍‌ କାଟିଥିଲେ।କ୍ଲବ ପକ୍ଷରୁ ବିଜୟଚାନ୍ଦପୁର ବସ୍ତିରେ ଥିବା ଶହେରୁ ଉର୍ଦ୍ଧ ଗରିବ ଅସହାୟ



ବୃଦ୍ଧ ବୃଦ୍ଧା ମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଜଗନ୍ନାଥ ହାଲଦାରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ମିଳୁନି ମାଗଣା ରାସନ ଚାଉଳ**

## ଗୋଦାମରେ ଚାଉଳ ନାହିଁ କହି ଏମ୍‌ଆଇ ଚୁପ୍‌

ରାଜକନିକା,୧୩ ।୧(ସମିସ): ରାଜକନିକା ବ୍ଲକରେ ଯୋଗାଣ ବିଭାଗ ଜାଣି ଅଜଣା ରହୁଥିବା ଅଭିଯୋଗ ହେଉଛି। କାରଣ ଜାନୁଆରୀ ୧୨ ତାରିଖ ସୁଦ୍ଧା ସବୁ ଖାଉଟୀଙ୍କ ପାଖରେ ରାସନ ବାବଦ ଚାଉଳ ପହଞ୍ଚିନାହିଁ। ଟ୍ରାନ୍ସପୋର୍ଟ ଏଜେଣ୍ଟଙ୍କୁ ସୁହାଇବା ଭଳି ବ୍ଲକର ଏମଆଇ କାମ କରିବା ସହ ସେମାନଙ୍କୁ ଘଣ୍ଟ ଘୋଡାଉ ଥିବାରୁ ବାଦରଜା, ଆୟତନ, ରାଉତବର୍ଦ୍ଧନୀ, ମହାଦେଇଆଡ଼ିଆ ଆଦି ଗାଁର ଶହ ଶହ ଖାଉଟି ଚାଉଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ରିଟେଲରମାନେ ଆଗୁଆ ବାୟୋମେଟ୍ରିକ ମେସିନ ଜରିଆରେ ଟିପ ଚିହ୍ନ ନେଇ ଯାଉଛନ୍ତି। କେଉଁମାସ ପାଇଁ ଟିପନେଲେ ଖାଉଟୀ ଜାଣିପାରୁନାହାନ୍ତି। ଡିସେମ୍ବର ମାସ ଯାଏ ଚାଉଳ ପାଇଥିବା ଖାଉଟୀଙ୍କୁ ଜାନୁଆରୀ ମାସରେ ଆଗାମୀ ୪ମାସ ପାଇଁ ଚାଉଳ ମିଳିବାର ଭରସା ଦେଇ ଦିନ ପରେ ଦିନ ଗଡାଇ ୧୨ ତାରିଖ ହେଲାଣି ଚାଉଳ ଦେଉନାହାନ୍ତି। ଏନେଇ ରାଜକନିକା ବ୍ଲକର ଏମଆଇଙ୍କୁ ପଚାରିବାରୁ ଗୋଦାମରେ ଚାଉଳ ନାହିଁ, ଆସିଲେ ଦିଆଯିବ ବୋଲି ଉତ୍ତର ଦେଇଥିଲେ। ଜିଲ୍ଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଖାଉଟୀକାର୍ଡଧାରୀ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା



ପଟ୍ଟାମୁଣ୍ଡାଇ,୧୩।୧(ସମିସ): ପଟ୍ଟାମୁଣ୍ଡାଇ ଡିଗ୍ରୀ କଲେଜ ଓ ପଟ୍ଟାମୁଣ୍ଡାଇ ଉଚ୍ଚମାଧମିକ ବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂଆ -ଓ ସାହିତ୍ୟ ପ୍ରତିଯୋଗିତା ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ ରାଜ୍ୟ ସରକାରଙ୍କ ନୂଆ -ଓ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ଡ଼ ରମେଶ କୁମାର ସାହୁ, ପ୍ରାଧ୍ୟାପକ ଡ଼ ଦୁଃଶାସନ ପରିଡା, ପ୍ରାଧ୍ୟାପକ ଅମୀୟ ଦାସ, କ୍ୟାପଟେନ ମନୋଜ ପରିଡା, ପ୍ରାଧ୍ୟାପକ ବୈକୁଣ୍ଠ ରାଉଳ, ଅଧ୍ୟାପକ ଆଲୋକ ସାହୁ, ଅଧ୍ୟାପକ ଶୁଭାଶିଷ ମିଶ୍ର, ଅଧ୍ୟାପକ ସରୋଜ ନାୟକ ଓ ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଅମୀୟ ଦାସ ଅତିଥିପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅମିତ କୁମାର ସାହୁ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାତ୍ର ଓ ନିବେଦିତା ପ୍ରଧାନ ପରିଚାଳନା କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ

ରାଜକନିକା/ଓଳାଭର, ୧୩।୧ (ସମିସ): ଓଳାଭର ଡିଗ୍ରୀ କଲେଜ ଓ ଓଳାଭର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ମିଳିତ ଭାବେ 'ନୂଆ -ଓ' ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ ହେବା ସହ ଓଡ଼ିଆ ସାହିତ୍ୟ ପ୍ରତିଯୋଗୀତା (ଓଡ଼ିଆ କବିତା ଲିଖନ, ଓଡ଼ିଆ ହସ୍ତାକ୍ଷର ପ୍ରତିଯୋଗୀତା, ଓଡ଼ିଆ ବ୍ୟାକରଣ ପ୍ରତିଯୋଗିତା, ଓଡ଼ିଆ କୁଇଜ ପ୍ରତିଯୋଗିତା) ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ ତାରିଖରେ ଓଡ଼ିଆ ସ୍ଲୋଗାନ ଲେଖା, ଓଡ଼ିଆ ଭଜନ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି।୧୭ ତାରିଖରେ ଓଡ଼ିଆ ସିନେମା ପ୍ରଦର୍ଶନ ବ୍ୟବସ୍ଥା, ୨୨ରେ ଆଲୋଚନାଚକ୍ର, ୨୪ରେ ଉଦଯାପନୀ ସହିତ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବ୍ୟବସ୍ଥା ରହିଛି। ମହାବିଦ୍ୟାଳୟର ଅଧକ୍ଷ ହଳଧର ବେହେରା ଙ୍କ ସଭାପତି ରେ 'ନୂଆ -ଓ ସାହିତ୍ୟ' ପ୍ରତିଯୋଗିତା ର ନୋଡାଲ ଅଫିସର ଅଧ୍ୟାପକ ବସନ୍ତ କୁମାର ସେଠୀଙ୍କ ସଂଯୋଜନା କରିବା ସହିତ କାର୍ଯ୍ୟକ୍ରମର ତାପର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟପକ ରବୀନ୍ଦ୍ର କୁମାର ସେନାପତି, ଅଧ୍ୟାପକ ମୁରଲୀ ଧର କର, ଡ଼ଃ ସୁଧୀର କୁମାର ବାରିକ, ଅଧ୍ୟାପକ ଚିନ୍ମୟ ରଞ୍ଜନ ସାହୁ ନିଜର ଅଭିଭାଷଣ ରଖିଥିଲେ। ଅନ୍ୟତମ ନୋଡାଲ ଅଫିସର ପ୍ରତାପ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନନ୍ତ କୁମାର ସାହୁ, ମନୋଜ କୁମାର ସାହୁ ପରିଚାଳନା କରିଥିଲେ।ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।




## ଜୋରରେ ଭାସୁଛି କୁମ୍ଭୀର, ଲୋକେ ଆତଙ୍କିତ

ପଟ୍ଟାମୁଣ୍ଡାଇ,୧୩।୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବଳଦେବନଗର ଜୋରରେ ଆଜି ଏକ ବଉଳା କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳକୁ ଲୋକମାନଙ୍କ ସୁଅ



ଛୁଟିଥିଲା। ଚଳିତ ବର୍ଷ କୁମ୍ଭୀର ଆକ୍ରମଣରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ୫ଜଣ ମୃତାହତ ହୋଇଥିବାରୁ କୁମ୍ଭୀର ଦେଖି ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ରାଜନଗର ବନଖଣ୍ଡ ପକ୍ଷରୁ ତୁରନ୍ତ ଉକ୍ତ କୁମ୍ଭୀରକୁ ଧରି ଭିତରକନିକା ଅଭୟାରଣ୍ୟରେ ଛାଡିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍‌ କୁମ୍ଭୀର ଆକ୍ରମଣରେ କେହି ମୃତାହତ ହେଲେ ବିଭାଗ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ମାଙ୍କଡ଼ କାମୁଡାରେ ୧୫ରୁ ଊର୍ଦ୍ଧ୍ୱ ଆହତ

ଏରସମା,୧୩।୧(ସମିସ): ଏରସମା ବ୍ଲକ ପଏଦା ପଞ୍ଚାୟତର ଚମ୍ପାହାଟ ଡିହସାହି ଗ୍ରାମରେ ମାଙ୍କଡ ଆତଙ୍କ ଦେଖାଦେଇଛି। ଫଳରେ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଘରୁ ଗୋଡ କାଢିଲେ ଭୟ ଘାରୁଛି କେଉଁଆଡୁ ଆସି ମାଙ୍କଡ ଆକ୍ରମଣ କରିପାରେ। ଯଦି କିଏ ବି ଘରୁ ବାହାରୁଛନ୍ତି ତେବେ ଠେଙ୍ଗା ବାଡ଼ି ଧରି ବାହାରୁଛନ୍ତି। ହାଟଦିନ ସାଧାରଣ ଲୋକଙ୍କୁ ଗୋଡେଇ କାମୁଡିଛି ବୋଲି ଗ୍ରାମର ଯୁବକ ପ୍ରଦୀପ୍ତ କିଶୋର ରାଉତରାୟ ଅଭିଯୋଗ କରିଛନ୍ତି। ମାଙ୍କଡ଼ ଆକ୍ରମଣରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଗାଇ ଗୋରୁ ମଧ୍ୟ ମାଙ୍କଡ଼ ଆକ୍ରମଣରୁ ବର୍ତ୍ତିନାହାନ୍ତି। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ମାଙ୍କଡକୁ କାବୁ କରିପାରିନାହାନ୍ତି। ୩ଦିନ ହେଲା ମାଙ୍କଡ ପାଇଁ ସ୍କୁଲ ଯାଇପାରୁନାହାନ୍ତି ଛାତ୍ରଛାତ୍ରୀ। ଗାଁରୁ ତୁରନ୍ତ ଏହି କାମୁଡା ମାଙ୍କଡ଼ ଦୁଇଟିବକୁ ଘଉଡ଼ାଇବା ସହ ଆହତଙ୍କୁ ଚିକିତ୍ସା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତୁରନ୍ତ ବନବିଭାଗ ଏହି ମାଙ୍କଡକୁ ଜନ୍ତା ବସାଇ କିମ୍ବା ଟ୍ରାଙ୍କୁଲାଇଜ୍‌ କରି କାବୁ କରିବାକୁ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କିଶୋର ପରିଡା, ଗୌରାଙ୍ଗ ପରିଡ଼ା, ପ୍ରଫୁଲ୍ଲ ରାଉତରାୟ, ଧ୍ରୁବ ନାୟକ, ଶୁଭ ନାୟକ, ଶୁକାନ୍ତ ରାଉତରାୟ, ମମତା ନାୟକ ପ୍ରମୁଖ ଦାବି କରିଛନ୍ତି।

**ଆଇଓସିଏଲ ମୁଖ୍ୟଫାଟକରେ ଶ୍ରମିକଙ୍କ ଧାରଣା**

## ଅସୁସ୍ଥ ହେଲେ ୨ ଶ୍ରମିକ; ତେଜୁଛି ଅସନ୍ତୋଷ

ପାରାଦ୍ୱୀପ, ୧୩।୧ (ସମିସ): ପାରାଦ୍ୱୀପ ଆଇଓସିଏଲ ଫାଟକ ସମ୍ମୁଖରେ ଶ୍ରମିକ ଧାରଣା ଆଜି ତୀବ୍ର ରୂପ ନେଇଛି। ଦୀର୍ଘ ୧୩ଦିନ ହେଲା



ଆଇଓସିଏଲ୍‌ ପାରାଦ୍ୱୀପ ହଳଦିଆ ପାଇପଲାଇନ ପ୍ରକଳ୍ପ ଏବଂ ରିଫାଇନେରୀ ଫାଟକ ସମ୍ମୁଖରେ ଦୁଇଟି ଫାଟକରେ ଧାରଣାରେ ବସିଛନ୍ତି ଶହ ସହ ଶ୍ରମିକ। ୮ ଦଫା ଦାବିକୁ ନେଇ ପାଇପଲାଇନ ଡିଭିଜନ ଓ ତୈଳବିଶୋଧନଗାରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପକ୍ଷରୁ ଧାରଣାକୁ ୧୩ଦିନ ବିତିଯାଇଥିଲେ ମଧ୍ୟ ଆଲୋଚନାକୁ ଆସୁନାହାନ୍ତି କମ୍ପାନୀ କର୍ତ୍ତୃପକ୍ଷ। ଧାରଣାରତ ଶ୍ରମିକ ମାନେ ନିଜପରିବାରକୁ ଧରି ଧାରଣାରେ ବସିଥିବାବେଳେ ଆଜି ସକାଳ ୯ଟା ସମୟରେ ଜୀବନ ଜ୍ୟୋତି ଜେନା ଓ କ୍ଷୀରୋଦ ପ୍ରଧାନ ନାମକ ୨ ଜଣ ଶ୍ରମିକ ଅସୁସ୍ଥ ହୋପଡ଼ିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଅଠରବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି। ଆଗାମୀ ଦିନରେ ଧାରଣାରତ ଶ୍ରମିକଙ୍କ ସମସ୍ୟା ପ୍ରତି ଯଦି କର୍ତ୍ତୃପକ୍ଷ ଦୃଷ୍ଟି ନଦେବେ ତେବେ ଆନ୍ଦୋଳନ ତୀବ୍ର କରାଯିବା ବୋଲି କହିଛନ୍ତି। କୌଣସି ଶ୍ରମିକଙ୍କର କିଛି କ୍ଷତି ଘଟିଲେ ସେଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଘେରିରେ ବୁଡ଼ି ଯୁବକ ମୃତ

ଏରସମା,୧୩।୧(ସମିସ): ଏରସମା ଥାନା ଅନ୍ତର୍ଗତ ଜାନକାଦେଇପୁର ପଞ୍ଚାୟତ ଦୁର୍ଗାପୁର (ବହୁଳିଆ) ଗ୍ରାମର ପ୍ରଦୀପ ବେହେରା (୩୮) ପିତା ମନ୍ଦରଧର ବେହେରା ପୂର୍ବଦିନ ରାତିରେ ନିଜଘର ନିକଟସ୍ଥ ଘେରି ଜଗିବାକୁ ଯାଇଥିଲେ। କୌଣସି କାରଣରୁ ସେ ଘେରି ଭିତରେ ପଡ଼ି ଯାଇଥିଲେ। ସକାଳୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଏରସମା ଥାନା ଅଧିକାରୀ ନିରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ବାନିଆ ପ୍ରଧାନ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ପଠାଇଥିଲେ। ମୃତ ପ୍ରଦୀପଙ୍କ ପରିବାର ଅତ୍ୟନ୍ତ ଗରିବ ଓ ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଛୋଟ ଛୋଟ ପୁଅ ୨ଜଣ ଅଛନ୍ତି। ସରପଞ୍ଚ ଜିତେନ୍ଦ୍ର ବେହେରା ମୃତକଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ରଘୁନାଥଜୀୟୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବିରିଡି,୧୩।୧(ସମିସ): ବିରିଡି ବ୍ଲକ ପୁରଣ ଖେଳ ପଡିଆରେ ରଘୁନାଥଜିଉ କ୍ଲବ ଆନୁକୁଲ୍ୟରେ ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟନ ହୋଇଯାଇଛି। ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ମମତା ପାତ୍ର, ମୁଖ୍ୟବକ୍ତା ଭାବେ ବିଡିଓ ଡ. ବେବିତା ମଞ୍ଜରୀ ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା, ନାରୀନେତ୍ରୀ ସୁମିତ୍ରା ପଣ୍ଡା ଓ ଆଦିତ୍ୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ରଘୁନାଥଜିୟୁ ସ୍ପୋର୍ଟ୍ସ କ୍ଲବର ସଭାପତି ସୁଜିତ୍‌ ସେନାପତି, ଉପସଭାପତି କିଶୋର କୁମାର ବଗା, ସମ୍ପାଦକ ବିଜୟ କୁମାର ବେହେରା, ପ୍ରବନ୍ଧକ ରଞ୍ଜିତ କୁମାର ସାହୁ, କୋଷାଧକ୍ଷ ପ୍ରକଶ ରଞ୍ଜନ ବେହେରା, ସହସମ୍ପାଦକ ବସୁ ମହାରଣାଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା। ପ୍ରଥମ ମ୍ୟାଚ ଗୋଲପୁର ଓ ନିମେଇସାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଫ୍‌ରି ଭାବେ ସୁନିଲ କୁମାର ପଟ୍ଟନାୟକ, ଟୁକୁନା ଭୋଇ, ଝୋନ ନାୟକ ଖେଳ ପରିଚାଳନା କରିଥିବା ବେଳେ ବିକାଶ ମହାପାତ୍ର ଓ ତାପସ ଦାସ ଘୋଷକ ଦାୟିତ୍ୱ ତୁଲାଇଥିଲେ।

**ବନ୍ଦର କର୍ତ୍ତୃପକ୍ଷଙ୍କ ଘରଭଡା ବୃଦ୍ଧିକୁ ନେଇ ବ୍ୟବସାୟୀ ଅତିଷ୍ଠ**

## ଅଧ୍ୟକ୍ଷଙ୍କୁ ଭେଟିଲେ ବଣିକ ସଂଘ ସଭାପତି

ପାରାଦୀପ,୧୩।୧(ସମିସ): ପାରାଦୀପ ସହର ମଧ୍ୟରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କ ଦୋକାନ ଘର ଭଡା ଅହେତୁକ ଭାବେ ବୃଦ୍ଧି କରିଛି ବନ୍ଦର ସମ୍ପଦ ବିଭାଗ। ଏନେଇ ବନ୍ଦର ବଣିକ ସଙ୍ଘ ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ଶହ ଶହ ବ୍ୟବସାୟୀ ଏହାକୁ ବିରୋଧ କରିଛନ୍ତି। ସହରରେ ଦିନକୁ ଦିନ ଜନ ସଂଖ୍ୟା କାମୁଥିବା ବେଳେ ବ୍ୟବସାୟରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଯାହାକୁ ନେଇ ବ୍ୟବସାୟୀ ଚିନ୍ତିତ ହୋଇଡିଛନ୍ତି। ଘର ଭଡ଼ା ତ ଦେବା ଦୂରର କଥା ସେମାନେ ସେମାନଙ୍କ ପରିବାର ପ୍ରତି ପୋଷଣ କରିବା ଏବେ କଷ୍ଟକର ହୋଇପଡିଛି। ବହୁ ପୁରୁଣା ବଡ ବଡ ବ୍ୟବସାୟୀ ପାରାଦୀପ ଛାଡି ସାରିଲେଣି।



ଏଭଳି ସମୟରେ ବନ୍ଦର କର୍ତ୍ତୃପକ୍ଷ ଦୋକାନ ଘର ଭଡା ବୃଦ୍ଧି କରିବା ଆଦୌ ଉଚିତ ନୁହେଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବ୍ୟବସାୟୀ ମାନଙ୍କର ଏଭଳି ଅସନ୍ତୋଷ କୁ ଆଖି ଆଗରେ ରଖି

**ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦେଖି ବିଚାର କରାଯିବ: ଅଧକ୍ଷ**

ବଣିକ ସଂଘର ସଭାପତି ସନ୍ତୋଷ ପଟ୍ଟନାୟକ ଆଜି ବନ୍ଦର ଅଧକ୍ଷଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ବ୍ୟବସାୟୀ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ଦ୍ଧିତ ଘର ଭଡା ଯାହାକି ପ୍ରଚଳିତ ଘରଭଡାଠାରୁ ୧୦୦ରୁ ୧୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଯାହାକି ପାରାଦୀପ ବନ୍ଦର ଟାଉନ୍‌ସିପ୍‌ରେ ବ୍ୟବସାୟ କରୁଥିବା ଶହ ଶହ ବ୍ୟବସାୟୀଙ୍କ ପକ୍ଷରେ ମାତ୍ରାଧିକ ହୋଇପଡିଛି। ଏହାର ପୁର୍ନବିଚାର କରିବାକୁ ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ବନ୍ଦର ଅଧକ୍ଷ ପି. ଏଲ୍‌. ହାରାନାଧଙ୍କୁ ସାକ୍ଷାତ କରି ଘରଭଡା ପ୍ରତ୍ୟାହାର ପାଇଁ ଲିଖିତ ଆବେଦନ କରିଥିଲେ। ଅଧକ୍ଷ ହାରାନାଧ ସହୃଦୟତା ସହ ଆବେଦନପତ୍ର ଗ୍ରହଣ କରିବା ସହିତ ବ୍ୟବସାୟୀଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେଇ ବିଚାର କରାଯିବ ଏବଂ ପରବର୍ତ୍ତୀ ସମୟରେ ସବିଶେଷ ଆଲୋଚନା କରିବାପରେ ଘରଭଡା ସ୍ଥିର କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ବନ୍ଦର ଅଧକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ୧୯୮୮ ମାଟ୍ରିକ ବ୍ୟାଚ୍‌ର ବୈଠକ

ଚଉଦକୁଲାଟ, ୧୩।୧ (ସମିସ): ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜଗନ୍ନାଥ ବିଦ୍ୟାପୀଠ ଚଉଦକୁଲାଟର ୧୯୮୮ ମ୍ୟାଟ୍ରିକ ବ୍ୟାଚର ବୈଠକ ଓଏକ ନୈଶ ଭୋଜି ବ୍ୟାସଦେବଜୀଉ ମନ୍ଦିର ନିକଟ ତଥା ଗାନ୍ଧିଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସୁରେନ୍ଦ୍ର ନାଥଶର୍ମାଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଶିକ୍ଷକଙ୍କ ଆଶୁଆରୋଗ୍ୟ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଅଧୁନା ବିଦ୍ୟାଳୟରେ ଶିକ୍ଷାର ମାନ ହ୍ରାସ ହେବା, ଯଥେଷ୍ଟ ସଂଖ୍ୟକ ଶିକ୍ଷକ ନଥିବା ପରିପ୍ରେକ୍ଷୀରେ ଆମ କର୍ତ୍ତବ୍ୟ ଶୀର୍ଷକରେ ସମାଜସେବୀ ନିର୍ମଳ ସାହୁ, ଜୟନ୍ତ ପାତ୍ର, ଅଜୟ ବାରିକ, ପ୍ରଦୀପ ରଥ, ଧୀରେନ୍ଦ୍ର ନାଥ ଶର୍ମା, ନିରଞ୍ଜନ ପଣ୍ଡା, ମନୋଜ ଦାସ, ଶରତ ସୁତାରସେମାନଙ୍କ ମତପୋଷଣ କରିଥିଲେ। ଉମାକାନ୍ତ, ବାଇଧର, ନାରାୟଣ, ନିଶାର, ସାହାଜାନ, କାର୍ତ୍ତିକେଶ୍ୱର, କୈଳାସ, ହୃଦାନନ୍ଦ, ଶଶୀରେଖା, ରଶ୍ମିରେଖା ପ୍ରମୁଖ ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ।

# ବିରିତୋଳରେ ଅର୍ପଣ ରଥ ପରିକ୍ରମା



ତିର୍ତ୍ତୋଲ,୧୩ା୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିତୋଳ ପଞ୍ଚାୟତରେ ଗୁରୁବାର ଶ୍ରୀ ମନ୍ଦିର ପରିକ୍ରମା ଅର୍ପଣ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସକାଳ ସମୟରେ ସଲମପୁର ଗ୍ରାମ ଗୋପୀନାଥ ଜୀଉ ମନ୍ଦିରଠାରେ ସୁସଜ୍ଜିତ ଶ୍ରୀପରିକ୍ରମା ରଥରେ ରଥାରୁଢ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ଓ ବନ୍ଦାପନା କରାଯିବା ପରେ ଏହି ପରିକ୍ରମା ରଥ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ସ୍ଥାନୀୟ ସରପଞ୍ଚ ରମାମଣୀ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରିକ୍ରମା କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଜିଲାପରିଷଦ ସଭ୍ୟ ସୁନୀଲ କୁମାର ବେହେରା, ବିରିତୋଳ କୃଷି ସମବାୟ ସମତି ସଭାପତି ଅଶ୍ୱିନୀ ଦାସ, ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ ତୋଫାନ ଦାସଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନେ ସାମିଲ ହୋଇଥିଲେ। ଶତାଧିକ ଶ୍ରଦ୍ଧାଳୁ ସଂକୀର୍ତ୍ତନ ଶୋଭାଯାତ୍ରା ମାଧମରେ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ପରିବାର ତରଫରୁ ରଥକୁ ବନ୍ଦାପନା କରାଯିବା ସହ ଅରୁଆ ଚାଉଳ ଓ ଗୁଆ ଆଦି ପ୍ରଦାନ କରାଯାଇଥିଲା।

# ବ୍ୟବସାୟୀ ସନାତନ ପାତ୍ରଙ୍କ ପରଲୋକ



ଜଗତସିଂହପୁର, ୧୩ା୧ (ସମିସ): ବାଲିକୁଦା ବ୍ଲକ୍ ବୋରିକିନା ପଞ୍ଚାୟତର ଦରଡ଼ା କୋଠମୂଳ ଗ୍ରାମର ଖ୍ୟାତନାମା ବସ୍ତ୍ର ବ୍ୟବସାୟୀ ସନାତନ ପାତ୍ରଙ୍କ ୯୪ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ତିତିରା, ବୋରିକିନା ଓ ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଜଗତସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ତିତିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜୟ କୁମାର ମହାନ୍ତି, କର୍ମଚାରୀ ସଂଘ ନେତା ବଂଶୀଧର ଶତପଥି, ବୋରିକିନା ସମିତିସଭ୍ୟ ସମରେନ୍ ରାୟ, ବୋରିକିନା ସରପଞ୍ଚ ସାଗରିକା ପରିଡ଼ା, ଯୁବନେତା ଭୀମସେନ୍ ମୁଦୁଲି, ପୂର୍ବତନ ସରପଞ୍ଚ ସାଧୁଚରଣ ସାହୁ, ସମୀର ପରିଡ଼ା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ପରେ ଶ୍ରୀ ପାତ୍ରଙ୍କୁ ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଆଇନଜୀବୀ ବୀରନାରାୟଣ ପାତ୍ର ମୁଖାଗ୍ନି ଦେଇଥିଲେ। କନିଷ୍ଠପୁତ୍ର ଧରଣୀଧର ପାତ୍ର ଓ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ରହିଥିଲେ।

# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ଡେରାବିଶ, ୧୩ା୧(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅ"ର୍ଗତ ଡେରାବିଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧାପିକା ଡଃ ପ୍ରଜ୍ଞା ପଟ୍ଟନାୟକଙ୍କ ପୌରହିତ୍ୟରେ ଉଦ୍‌ଘାଟିତ ଏହି ବାଳିକା ଆତ୍ମରକ୍ଷା ତାଲିମ ଶିବିରରେ ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ର ଶେଖର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରୀଶକ୍ତି ଦେଶର ଶକ୍ତି ଓ ନାରୀମାନେ ସଶକ୍ତ ହେଲେ ଦେଶ ଶସକ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ଅଶ୍ୱିନୀ କୁମାର ପୃଷ୍ଟି, ଅଧାପକ ସଂଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଅଧାପିକା ଡକ୍ଟର ରୁଦ୍ରାଙ୍ଗି ପଟ୍ଟନାୟକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ସୌଦାମିନୀ ପାଗଳ, ବନ୍ୟା ବେହେରା ଛାତ୍ରୀମାନଙ୍କୁ ଆସନ୍ନ ବିପଦକୁ ସମ୍ମୁଖିନ ହେବାକୁ ଆତ୍ମରକ୍ଷାର ବିଭିନ୍ନ କଳା କୌଶଳ ସମ୍ପର୍କରେ ପ୍ରଶିକ୍ଷିତ କରିଥିଲେ। ଶେଷରେ ଅଧାପିକା ଶୁଭଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଏକବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳା ଉଦ୍‌ଯାପିତ

# 'ପରିବର୍ତ୍ତନ ଆଣିବାରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ'

କେନ୍ଦ୍ରାପଡା,୧୩ା୧(ସମିସ)



କେନ୍ଦ୍ରାପଡା ଟେଲିକମ୍ ପଡିଆରେ ଚାଲିଥିବା ଇଭେଣ୍ଟ ମ୍ୟାନେଜର୍ସ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗୀତାରେ ଅନୁଷ୍ଠିତ ଏକବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ତଥା ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଡଃ ଅରବିନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ପରିବର୍ତ୍ତନ ଆଣିବାରେ ପୁସ୍ତକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ସମଗ୍ର ବିଶ୍ୱରେ ବୌଦ୍ଧିକ ଆନ୍ଦୋଳନର ଭିତ୍ତିଭୂମିରେ ପୁସ୍ତକର ଗୁରୁତ୍ୱପୂର୍ଣ୍ଣ

ଭୂମିକା ରହିଛି। କେନ୍ଦ୍ରାପଡାରେ ନିରବଚ୍ଛିନ୍ନ ଭାବେ ପୁସ୍ତକମେଳାରେ ଆୟୋଜନ ହେବା ଏକ ବଡ ଉଦାହରଣ। ଉତ୍ସବରେ ସମ୍ମାନୀତ ବକ୍ତାଭାବେ ଯୋଗଦେଇ ବିଶିଷ୍ଟ କବି ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ ସାହିତ୍ୟ ହିଁ ସଭ୍ୟତାର ବାହକ ବୋଲି ମତ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ଆଞ୍ଚଳିକ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡ. ମିହିର ସାହୁ, ସାମ୍ବାଦିକ, ସାହିତ୍ୟିକ, ଗାଳ୍ପିକ ଚିତ୍ତରଞ୍ଜନ ଚିରଞ୍ଜିତ୍, ଗାଳ୍ପିକା ଓ ଉପନ୍ୟାସିକା ସୁନନ୍ଦା ପ୍ରଧାନ ଯୋଗଦେଇ ବିଶ୍ୱ ସାହିତ୍ୟକୁ ଓଡିଆ ସାହିତ୍ୟର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ତେବେ କେନ୍ଦ୍ରାପଡା ପୁସ୍ତକମେଳାର ଆୟୋଜକମାନଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ। ଏଥିରେ କେମ୍‌ର ସଭାପତି ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ସମ୍ପାଦକ ମହମ୍ମଦ ଜାହିଦ୍‌ଖାନ୍ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ୧୧ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା ବୋଲି ସେ ପ୍ରକାଶ କରିଥିଲେ। ପ୍ରଥମେ ସଦସ୍ୟ ସମ୍ବିତ୍ ଶ୍ରୀଚନ୍ଦନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ସଦସ୍ୟ ମାତୃଦତ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ କଳାକାର ଜିଜ୍ଞାସା ତ୍ରିପାଠୀ ଗୀତାପାଠ କରିଥିଲେ। ଡଃ ରଞ୍ଜନ ପ୍ରଧାନଙ୍କର "ଘରଣୀ ପେନୁ" ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଏହି ଅବସରରେ କେମ ପକ୍ଷରୁ ଡଃ ଚିତ୍ତରଞ୍ଜନ ଚିରଞ୍ଜିତଙ୍କୁ "ପୁସ୍ତକମେଳା ଯୁବ ସାହିତ୍ୟ' ସମ୍ମାନ, ବିଶିଷ୍ଟ କବି ଓ ପ୍ରକାଶକ ସଦାଶିବ ଦାସଙ୍କୁ "କେମ୍ ଶ୍ରେଷ୍ଠ ପ୍ରକାଶକ' ସମ୍ମାନ, ଗବେଷକ ଓ ସାହିତ୍ୟିକ ନିରଞ୍ଜନ ମେକାପଙ୍କୁ "କେମ୍ ସାହିତ୍ୟ' ସମ୍ମାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ "କେମ୍ ସେବା' ସମ୍ମାନରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଦିନ ୧୧ଟା ବେଳେ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ଆନୁକୂଲ୍ୟରେ ବିଶିଷ୍ଟ ଗୀତିକାର ଚିରସବୁଜ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଅକ୍ଷୟ ମହାନ୍ତି ସ୍ମୃତି ସଙ୍ଗୀତ ପ୍ରତିଯୋଗୀତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚିତ୍ରଭାନୁ ମହାନ୍ତି, ଉମାକାନ୍ତ ଜେନା, ବିଜୟ ଶୁକ୍ଳା, ଗଣେଶ ସାମଲ, ଭାନୁପ୍ରିୟା ଟଟୁଆ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ଇଂ ମୁରଲିଧର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ସଭା ପରିଶେଷରେ ଜେନିଥ୍ ଇଣ୍ଟରନ୍ୟାସନାଲ ସ୍କୁଲ ଦ୍ୱାରା ବାଳିକା ଶିକ୍ଷା ଆଧାରିତ ସୃଜନଶୀଳ ନାଟକ "ରେବତୀ' ପରିବେଷଣ କରାଯାଇଥିଲା। ପୁସ୍ତକମେଳାର ଏହି ସମସ୍ତ କାର୍ଯ୍ୟକ୍ରମକୁ କେମ୍‌ର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ତତ୍ତ୍ୱାବଧାନରେ ନବଜ୍ୟୋତି ରାୟ, ଯଯାତି ମହାନ୍ତି, କ୍ଷୀରୋଦ କର, ଶେଷଦେବ ଦାସ, ଭବାନୀ ଓଝା, ଅମ୍ରିନ ସାହାଦତ, ଲକ୍ଷ୍ମୀକାନ୍ତ ନାୟକ, ଧର୍ମଦର୍ଶୀ କର, ହିମାଂଶୁ ଦାସ, ମିର୍ ମୁର୍ସେଦ୍, ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରତାପ ସ୍ୱାଇଁ, ବଂଶୀଧର ମହାନ୍ତି, ପ୍ରଦ୍ୟୁମ୍ନ ବେହୁରା, ରଞ୍ଜନ କୁମାର ବିଶ୍ୱାଳ, ଜ୍ୟୋତିରଞ୍ଜନ ନାୟକ, ତାରିଣୀ ପାଟଯୋଶୀ, ମୃତ୍ୟୁଞ୍ଜୟ ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମନ୍ୱୟ ବୈଠକ

ବିରିଡି,୧୩ା୧(ସମିସ): ବିରିଡି ବ୍ଲକ ମହାବୀର ସରକାରୀ ଉଚ୍ଚବିଦ୍ୟାଳୟରେ ପିତାମାତା ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଏକ ସମନ୍‌ୱୟ ବୈଠକ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମଲ୍ଲିକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଶିକ୍ଷାବ୍ୟବସ୍ଥାରେ ବା ବିଦ୍ୟାଳୟରେ ପାଠପଢୁଥିବା ଛାତ୍ରଛାତ୍ରୀଙ୍କ ପିତାମାତା ଓ ପାଠ ପଢାଉଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କିପରି ସମନ୍ୱୟ ରାକ୍ଷକରା ଯାଇପାରିବ ଏବଂ ଏହାର ୯ଟି କାର୍ଯ୍ୟ ସୂଚୀ ଉପରେ ଆଲୋଚନା କରଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଉପରେ ରହୁ ଥିବା ଚାପର ଦୂରୀକରଣ, ତଥା କ୍ୟାରିୟର ମାର୍ଗଦର୍ଶନ ଉପରେ ଆଲୋକ ପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭ୍ରମର ସାହୁ, ଆଲୁମୁନି ସଭାପତି ବିଭୂପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିବାବେଳେ ବହୁ ସଂଖ୍ୟାରେ ପିଲାଙ୍କ ପିତାମାତା ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍ ମୁକ୍ତ ସଚେତନତା ଶିବିର

ମହାକାଳପଡା,୧୩।୧(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବତୀଘର ପଞ୍ଚାୟତରେ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କୁ ନେଇ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ୍ରିକ୍ ପ୍ରକଳ୍ପ ଓ ନେଚର୍ସ କ୍ଲବ କେନ୍ଦ୍ରାପଡା ସହଯୋଗରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପଞ୍ଚାୟତ ସଭା ଗୃହରେ ସରପଞ୍ଚ ଶିବାନୀ ବିଜୁଳିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ନେଚର୍ସ କ୍ଲବ ସଭାପତି ମଧୁସ୍ମିତ ପତି ,ଟିମ ଲିଡର ନିରଞ୍ଜନ ପଣ୍ଡା, ସଂଯୋଜକ ଜ୍ୟୋତି ରଞ୍ଜନ ସାହୁ, ସମାଜସେବୀ ଏସ କେ ଶିବା ଙ୍କ ସହ ଖରିନାସୀ ଓ ବତୀଘରର କ୍ଲାଇମେଟ ଚମ୍ପିଆନମାନେ ଉପସ୍ଥିତ ଥିଲେ।

# ଇଫ୍‌କୋ ଡିଏଭି ସ୍କୁଲରେ ଗଣିତ କର୍ମଶାଳା

ପାରାଦୀପ,୧୩ା୧(ସମିସ): ପାରାଦୀପସ୍ଥିତ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଥିବା ଡିଏଭି ପବ୍ଲିକ୍ ସ୍କୁଲରେ ଦୁଇ ଦିନିଆ ଗଣିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ କର୍ମଶାଳାର ଉଦଘାଟନୀ ସମାରୋହରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଇଫକୋ ଡିଏଭି ସ୍କୁଲର ଅଧକ୍ଷ ସମ୍ବିତ କୁମାର ଚିନାରା। ଓଡିଏମ୍ ପବ୍ଲିକ୍ ସ୍କୁଲର ଗଣିତ ବିଭାଗ ମୁଖ୍ୟ ଡ. କମଳାକାନ୍ତ ବିଶ୍ୱାଳ, ସାଇ ଇଣ୍ଟରନ୍ୟାସନାଲ୍ ଗଣିତ ବିଭାଗର ମହେନ୍ଦ୍ର କୁମାର ନାୟକ ପ୍ରଶିକ୍ଷକ ଭାବେ ଯୋଗ ଦେଇ ସାରଗର୍ଭକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। କର୍ମଶାଳାରେ ଯୋଗ ଦେଇଥିବା ଅରୁଣ ପ୍ରସାଦ ମହାପାତ୍ର ଓ ଉଷା ମହାନ୍ତି କର୍ମଶାଳାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କର୍ମଶାଳାର ସ୍ଥାନୀୟ ନିର୍ଦ୍ଦେଶକ ତ୍ରିଲୋଚନ ମିଶ୍ର କର୍ମଶାଳାର ସଫଳତା ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳା ନିମନ୍ତେ ଡିଏଭି ସଙ୍ଗଠନର ଆଂଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥି, ଉପନିର୍ଦ୍ଦେଶିକା ଡ. ସୁଜାତା ସାହୁ ଶୁଭେଚ୍ଛା ବର୍ତ୍ତା ପ୍ରଦାନ କରିଥିଲେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଦୁଇ ପ୍ରକଳ୍ପର ଶିଳାନ୍ୟାସ



ଡେରାବିଶ,୧୩ା୧(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ମଲ୍ଲୀକେଶ୍ୱରପୁର ଗ୍ରାମରେ ଗତକାଲି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନିର୍ମିତ ହେବାକୁ ଥିବା ଦୁଇଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର ମଲ୍ଲିକେଶ୍ୱର ମହାଦେବଙ୍କ ବେଢ଼ା ପରିସରରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜଗନ୍ନାଥ ସଂସ୍କୃତି କେନ୍ଦ୍ର ଓ ନିକଟରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହରଗୌରୀ ୟୁଥ୍ କ୍ଲବ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ଉପଲକ୍ଷେ ପଲେଇ ସରପଞ୍ଚ ଅକ୍ଷୟ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଂଜୟ ଅଗ୍ରୱାଲ ଯୋଗଦେଇ ଏହି ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସମିତିସଭ୍ୟ ତୃପ୍ତିମୟୀ ଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତରଞ୍ଜନ ରାଉତ, ଯୋଗାନନ୍ଦ ମହାନ୍ତି, ଅକ୍ଷୟ ନାୟକ, ଯୁବ ସମାଜସେବୀ ଦୀପକ ଦାଶ, ସମାଜସେବୀ ପ୍ରଦ୍ୟୁମ୍ନ ନାୟକ, ହୃଷିକେଶ ବାରିକ, ଗିରିଶ ଦାସ, ପ୍ରଫୁଲ୍ଲ ନାୟକ, ପଦ୍ମନାଭ ପରିଡ଼ା, ସମାଜସେବୀ ବିଜୟ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ଉପସ୍ଥିତ ଗ୍ରାମବାସୀମାନେ ଜଗନ୍ନାଥ ସଂସ୍କୃତି କେନ୍ଦ୍ର ଓ ୟୁଥ କ୍ଲବ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଇଥିବାରୁ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

# ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ



ତିର୍ତ୍ତୋଲ,୧୩ା୧(ସମିସ): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ମୂଳିସିଂ ସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର ଭୂୟା ଅତିଥିମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଅନୁଷ୍ଠାନର ଅଧକ୍ଷା ଜ୍ୟୋର୍ତିମୟୀ ମହାରଣା ଆଲୋଚନାରେ ଭାଗନେଇ ବ୍ୟାସକବି ଫକୀର ମୋହନ ଓଡିଆ ଭାଷା ସାହିତ୍ୟର ଯଥାର୍ଥ ସେନାପତି ଥିଲେ ବୋଲି କହିବା ସହିତ ଓଡିଆ ଭାଷା ସାହିତ୍ୟ ଦୁର୍ଦ୍ଦିନରେ ସେ ସେନାପତି ଭଳି ଆଗକୁ ବାହାରି ଭାଷା ସୁରକ୍ଷାରେ ଅଗ୍ରଣୀ ଭୂମିକା ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଶିକ୍ଷୟିତ୍ରୀ ବିନତୀ ସାହୁ ଓ ମୋନାଲିସା ଭଞ୍ଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଫକୀର ମୋହନଙ୍କ ରଚିତ ଉପନ୍ୟାସ ଛଅମାଣ ଆଠଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ ଓ ଗଳ୍ପ ରେବତୀ, ଡାକମୁନ୍‌ସୀ , ପେଟେଣ୍ଟ ମେଡିସିନ ଓ ଧୂଳିଆବାବା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ ହାସଲ କରିଥିବା ଛାତ୍ରଛାତ୍ରୀ ଆୟିଶା ପରବିନ୍, ପ୍ରତୀକ୍ଷା ଜେନା, ଫରହାଦ୍ ଶେଖ୍, ଆଦିଜା ଖାତୁମ୍, ସୌମ୍ୟରନ ମଲ୍ଲ, କୀର୍ତ୍ତିରନ ପ୍ରଧାନଙ୍କୁ ପରିଷଦ ପକ୍ଷରୁ ବରପୁତ୍ରଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ ଧନ୍ୟବାଦ ଦେଇଥିଲେ।

## ଉଦ୍ୟାନକୃଷି, ମତ୍ସ୍ୟ, ଦୁଗ୍ଧ ଓ କୁକୁଡ଼ା ଚାଷୀଙ୍କ କର୍ମଶାଳା

# 'କୃଷିରେ ଔଷଧ ଓ ରାସାୟନିକ ପଦାର୍ଥର ଦାୟିତ୍ୱପୂର୍ଣ୍ଣ ବ୍ୟବହାର'

ଡେରାବିଶ,୧୩ା୧(ସମିସ)



ଡେରାବିଶ ବ୍ଲକ ଚାନ୍ଦୋଳ କଲେଜ ଛକ ସ୍ଥିତ ମାତୃବାଟିକା ପରିସରରେ ଭୁବନେଶ୍ୱର ସ୍ଥିତ ସିଆଇଏଫ୍‌ଏ ଆନୁକୂଲ୍ୟରେ କୃଷିରେ ଔଷଧ ଓ ରାସାୟନିକ ପଦାର୍ଥର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଜୀବାଣୁ ପ୍ରତିରୋଧକ ସମ୍ପର୍କରେ ଏକ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ମତ୍ସ୍ୟଚାଷୀ, ଦୁଗ୍ଧ ଚାଷୀ, କୁକୁଡ଼ା ଚାଷୀ, ଉଦ୍ୟାନ କୃଷି, ଉଦ୍ୟୋଗୀମାନଙ୍କୁ ନେଇ ଅନୁଷ୍ଠିତ ଏହି କର୍ମଶାଳାରେ ସିଆଇଏଫ୍‌ଏର ମୁଖ୍ୟ ବୈଜ୍ଞାନିକ ଡଃ ସୁଧାଂଶୁ ଶେଖର ମିଶ୍ର ଅଧକ୍ଷତା କରିଥିଲେ। ଅତିଥି ଭାବରେ ନୂଆଦିଲ୍ଲୀ ସ୍ଥିତ ଇନ୍‌କ୍ଲିନ୍ ଟ୍ରଷ୍ଟ ଇଣ୍ଟରନ୍ୟାସନାଲ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡା. ମନୋଜ କୁମାର ଦାସ, ଭୁବନେଶ୍ୱର ସ୍ଥିତ କିମ୍‌ସ୍‌ର ପ୍ରଫେସର ଡା. ବାସନ୍ତୀ ପାଠୀ, ଓୟୁଏଟିର ଶଲ୍ୟ ବିଭାଗର ପ୍ରଫେସର ଡଃ ଜୟକୃଷ୍ଣ ଦାସ, ଓଡ଼ିଶା ସରକାରଙ୍କର ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡଃ ବୀର କିଶୋର ପରିଡ଼ା, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କୋକିଳ ମରୀ ନାୟକ, ଅତିରିକ୍ତ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡା. ବିବେକାନନ୍ଦ ସାହୁ, ଚାନ୍ଦୋଳ ପଶୁଚିକିତ୍ସାଧିକାରୀ ଡା. ପ୍ରିୟାଙ୍କା ମଲିକ, ଡେରାବିଶ ସହକାରୀ ପଶୁ ଚିକିତ୍ସକ ସ୍ଥିତପ୍ରଜ୍ଞା ସାହୁ, ଡେରାବିଶ ଅତିରିକ୍ତ ମତ୍ସ୍ୟଅଧିକାରୀ ରଶ୍ମିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ରୋଗ ସଂକ୍ରମଣର ମାଧ୍ୟମ, ରୋଗର ଚିକିତ୍ସା ପଦ୍ଧତି, ଆଣ୍ଟିବାୟୋଟିକ୍‌ର ଉପଯୁକ୍ତ ତଥା ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜୀବାଣୁ ପ୍ରତିରୋଧକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶେଷ କରି ରୋଗ ନିରୂପଣ ପାଇଁ ପରୀକ୍ଷା ଏବଂ ଔଷଧ ବ୍ୟବହାର ପାଇଁ ସର୍ବଦା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଗବେଷଣାରତ ଛାତ୍ର ଦିଲ୍ଲୀପ କୁମାର ପରିଡ଼ା ଏବଂ ବି ପ୍ରିନ୍ସ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଉଦ୍ୟୋଗୀ କମଳାକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶେଷରେ ଗରଦପୁର ବ୍ଲକ ଭଗବାନପୁର ସ୍ଥିତ ମା' ବୁଢ଼ିଜାଗୁଲାଇ ମତ୍ସ୍ୟ ଯାଆଁଳ ହାଚେରୀର ପରିଚାଳକ ଝିନା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ବିପିନିବିହାରୀ ଉପ୍ରା ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ



ନାଉଗାଁ,୧୩ା୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ବାଲିସାହିସ୍ଥିତ ବିପିନି ବିହାରୀ ସରକାରୀ ଉ.ପ୍ରା ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂସଦର ସଭାପତି ଜ୍ୟୋତିଷଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅର୍ନ୍ତରାଷ୍ଟ୍ରୀୟ କ୍ରୀୟାଯୋଗୀ ପରମହଂସ ପ୍ରଜ୍ଞାନନ୍ଦଜୀ, ମୁଖ୍ୟ ବକ୍ତାଭାବେ ପ୍ରଫେସର ବୈଷ୍ଣମ୍ବ ସାମଲ, ସମ୍ମାନୀତ ଅତିଥିଭାବେ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ସୁସାହିତ୍ୟିକା ସୁଲୋଚନା ଦାସ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ଅଧାପକ ସରୋଜ କୁମାର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସୁକାନ୍ତ କୁମାର ଲେଙ୍କା, ଅକ୍ଷୟ କୁମାର ରାଉତ, ନିରଞ୍ଜନ ମହାନ୍ତି, ଭାଗିରଥି ବେହେରା, ଗୁରୁଚରଣ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

